# ଏବ୍ରୀ, ଅଧ୍ୟାୟ ଦୁଇ [2]

...ପ୍ରଥମେ ଆସିଲେ, ଏବଂ ଶାସ୍ତ୍ର ଅଧ୍ୟୟନ କଲେ, ଯେଣୁ ସେ ଏହାକୁ ତୁଳନା କରିପାରିବେ ଏବଂ ଦେଖିପାରିବେ ଯେ ତାହା ସତ୍ୟ କି ନୁହେଁ। ସେ ଏହାକୁ, ସେହି ସତ୍ୟକୁ, ପୁରାତନ ନିୟମ ଦ୍ୱାରା ନେଇଥିଲେ। ତେବେ, ପାଉଲ ଜଣେ ପୁରାତନ ନିୟମର ପଣ୍ଡିତ ଥିଲେ। କେତେ ଜଣ ତାହା ଜାଣନ୍ତି? ସେ ତାଙ୍କ ସମୟର ଜଣେ ଅତ୍ୟନ୍ତ ଶ୍ରେଷ୍ଠ ପଣ୍ଡିତ, ଗମଲିୟେଲ୍, ସେହି ବିଶିଷ୍ଟ ବିଦ୍ୱାନଙ୍କ ଅଧୀନରେ ଶିକ୍ଷାଲାଭ କରିଥିଲେ। ଏବଂ ପାଉଲ ପୁରାତନ ନିୟମ ଜାଣିଥିଲେ। ଏବଂ ମୁଁ ଭାବୁଛି ଯେ ତାଙ୍କର ପ୍ରଥମ ଆନ୍ଦୋଳିତ ହେବା, ଯେପରିକି ମୁଁ ଆଜି ସକାଳେ କହିଥିଲି, ଯେତେବେଳେ ସେ ସ୍ତିଫାନ୍‌ର ମୃତ୍ୟୁର ସାକ୍ଷୀ ହୋଇଥିଲେ। କିଛି ଗୋଟାଏ ବିଷୟ ନିଶ୍ଚିତ ଭାବରେ ପାଉଲଙ୍କୁ ଆଘାତ କରିଥିଲା, କାରଣ ତାଙ୍କର ସମସ୍ତ ଲେଖନୀରେ ସେ ଏହାକୁ ନିରନ୍ତର ଭାବେ ଉଦ୍ଧୃତ କରିଥିଲେ, "ମୁଁ ଯୋଗ୍ୟ ନୁହେଁ, କାରଣ ମୁଁ ମଣ୍ଡଳୀକୁ ମୃତ୍ୟୁ ନିମନ୍ତେ ତାଡ଼ନା କରିଥିଲି। ମୁଁ ସେମାନଙ୍କ ମଧ୍ୟରେ ସବୁଠୁ ନ୍ୟୁନ ଅଟେ।"

95 ଓଃ, ମାତ୍ର ପରମେଶ୍ୱର ଏହା ବିଷୟରେ ଏକ ଭିନ୍ନ ଚିନ୍ତା ରଖିଥିଲେ। ସେ ସେହି ସମୟର ସବୁଠାରୁ ଶକ୍ତିଶାଳୀ ବ୍ୟକ୍ତିମାନଙ୍କ ମଧ୍ୟରେ ଅନ୍ୟତମ ଥିଲେ।

> ସେହି ମହାନ ପ୍ରେରିତ, ସାଧୁ ପାଉଲଙ୍କୁ ଦେଖନ୍ତୁ,
> ତାଙ୍କର ପୋଷାକ ଏତେ ଉଜ୍ଜ୍ୱଳ ଏବଂ ସୁନ୍ଦର ଥିବା ସହିତରେ, (କବି କହିଲେ,)
> ଓଃ, ନିଶ୍ଚିତରେ ସେଠାରେ କିଛି ପାଟିତୁଣ୍ଡ ରହିବ
> ଯେତେବେଳେ ଆମେ ସମସ୍ତେ ସେଠାରେ ସାକ୍ଷାତ କରିବା।

ସେହି ମହାନ ଦିନ ଯେତେବେଳେ ମୁଁ ତାଙ୍କୁ ଶହୀଦଙ୍କ ମୁକୁଟ, ଜଣେ ଶହୀଦୀ ପୁରସ୍କାର ପାଇବାର ଦେଖିବି!

96 ଅଧିକ ସମୟ ହୋଇ ନାହିଁ, ମୁଁ ସେହି ଛୋଟ ପୁରୁଣା କାରାଗୃହ ପାଖରେ ଛିଡା ହୋଇଥିଲି, ଯେଉଁଠାରେ ସେ ଏହି ଚିଠିଗୁଡ଼ିକୁ ଲେଖିଥିଲେ। ଏବଂ ତାହାପରେ ସେମାନେ ତାଙ୍କ ମୁଣ୍ଡକାଟ କରି ଦେଇଥିଲେ। ଏବଂ ତାଙ୍କୁ ନାଳରେ ପକାଇ ଦେଇଥିଲେ, ଯେପରିକି ତାହା ନାଳରେ ଧୋଇ ହୋଇଯାଏ। ଏବଂ ସେଠାରେ ଥିବା ଏହି ସାନ ଯିହୁଦୀ, ସେ କହିଥିଲେ, "ମୁଁ ମୋ ଶରୀରରେ ଯୀଶୁ ଖ୍ରୀଷ୍ଟଙ୍କ ଚିହ୍ନକୁ ଧାରଣ କରିଅଛି। ମୁଁ ଏଫିସରେ ବନ୍ୟ ପଶୁମାନଙ୍କ ସହିତ ଯୁଦ୍ଧ କରିଅଛି, ମାତ୍ର ମୁଁ ଏକ ଭଲ ଯୁଦ୍ଧ କରିଅଛି। ମୁଁ ଯାତ୍ରା ସମାପ୍ତ କରିଅଛି। ମୁଁ ବିଶ୍ୱାସକୁ ରକ୍ଷା କରିଅଛି। ଏବଂ ତେଣୁକରି, ମୋ ପାଇଁ ଧାର୍ମିକତାର ଏକ ମୁକୁଟ ରଖା ଯାଇଅଛି, ଯାହାକି ପ୍ରଭୁ, ସେହି ଧାର୍ମିକ ବିଚାରକର୍ତ୍ତା, ମୋତେ ସେହି ଦିନ ପ୍ରଦାନ କରିବେ।

ଏବଂ କେବଳ ମୁଁ ନୁହେଁ, ମାତ୍ର ସେସମସ୍ତଙ୍କୁ ଯେଉଁମାନେକି ତାହାଙ୍କର ପ୍ରକଟୀକରଣକୁ ପ୍ରେମ କରନ୍ତି ।" ମୁଁ ଏହାକୁ କିପରି ଭଲ ପାଏ! ଓଃ, ମୁଁ ସେହିମାନଙ୍କ ସହିତ ଗଣନା କରାଯିବାକୁ ଚାହେଁ! ଆମେ ଏକ ଗୀତ ଗାଉଥିଲୁ:

ଓଃ, କଅଣ ତୁମେ ତାହାଙ୍କ ପଲର ଜଣକା ଭାବରେ ଗଣନା କରାଯିବ କି?
କଅଣ ତୁମେ ତାହାଙ୍କ ପଲର ଜଣକା ଭାବରେ ଗଣନା କରାଯିବ କି?
ଅନ୍ତରରୁ ଦାଗହୀନ ହୁଅ, ସେହି ଦୃଶ୍ୟକୁ ଜଗି ରହିଥାଅ ଏବଂ ଅପେକ୍ଷା କରି ରହିଥାଅ;
ସେ ପୁଣିଥରେ ଆସୁଅଛନ୍ତି ।

97 ମୁଁ ସେମାନଙ୍କ ମଧ୍ୟରୁ ଜଣେ ହେବାକୁ ଚାହେଁ । ତେବେ ସେହି ଲେଖକ ଆଗକୁ ଯାଇ, କୁହନ୍ତି:

*ଅତଏବ ଶୁଣାଯାଇଥିବା ବାକ୍ୟ ପ୍ରତି...ଅଧିକ ମନୋଯୋଗୀ ହେବା ଆମ୍ଭମାନଙ୍କର ଉଚିତ୍, ନୋହିଲେ କାଳେ ଆମ୍ଭେମାନେ ପଥଭ୍ରଷ୍ଟ ହେବୁ ।*

98 ଯେପରିକି ଆଜି ସକାଳରେ, ଆମମାନଙ୍କୁ ଏହା ଉପରେ ଶିକ୍ଷା ଦିଆଗଲା, 2ୟ ପଦ ଏହା ଉପରେ କୁହେ, "ଯଦି..."

*କାରଣ ଦୂତମାନଙ୍କ ଦ୍ୱାରା କଥିତ ବାକ୍ୟ...*

99 ଆମେମାନେ *ଦୂତମାନଙ୍କୁ* କଅଣ ବୋଲି ପାଇଥାଉ? ଭବିଷ୍ୟଦ୍‌ବକ୍ତାମାନେ । "ପରମେଶ୍ୱର ପୁରାକାଳରେ ବିଭିନ୍ନ ସମୟରେ କଥା ହୋଇଥିଲେ..." ତେବେ, ଆପଣଙ୍କୁ ଆମର ନିଜର ଧାରଣା ନୁହେଁ, ବରଂ ବାଇବଲର ଧାରଣାକୁ, ପ୍ରସ୍ତୁତ କରିବାକୁ ହେବ । ତେବେ ତାର, ପ୍ରଥମ ପର୍ବ...1ମ ପର୍ବ, ସେହି 1ମ ପଦ ।

*ପରମେଶ୍ୱର, ପୁରାକାଳରେ...ବିଭିନ୍ନ ସମୟରେ...ଭାବବାଦୀମାନଙ୍କ ଦ୍ୱାରା ପିତୃପୁରୁଷଙ୍କୁ କଥା କହିଥିଲେ,*

100 ତେବେ ସେ ଏଠାକୁ ଯାଆନ୍ତି, ଏବଂ ପୁଣିଥରେ କୁହନ୍ତି ।

*କାରଣ ଦୂତମାନଙ୍କ ଦ୍ୱାରା କଥିତ ବାକ୍ୟ ଯଦି ଅଟଳ* ହୋଇ *ରହିଲା,...*

ଆଉ ଜଣେ *ଦୂତଙ୍କର* ଅର୍ଥ କଅଣ? "ବାର୍ତ୍ତାବହ ।" ଯଦି ପରମେଶ୍ୱର ବାର୍ତ୍ତାବହଙ୍କୁ ଅଭିଷେକ କରିଥିଲେ...ଏବଂ ତାହାପରେ ଯଦି ଆମେମାନେ ଅଭିଷିକ୍ତ ହୋଇଥାଉ, ଆମେମାନେ ପରମେଶ୍ୱରଙ୍କ ବାର୍ତ୍ତାବହ ଅଟୁ । ଆମେମାନେ ଜଗତ ପ୍ରତି ବାର୍ତ୍ତାବହ ଅଟୁ, ସ୍ୱର୍ଗର ଜଣେ ରାଷ୍ଟ୍ରଦୂତ ଅଟୁ, ଯିଏକି ଏହା ଅଙ୍ଗୀକାର କରୁଥାଏ ଯେ ଆମେମାନେ ତୀର୍ଥଯାତ୍ରୀ ଏବଂ ପରଦେଶୀ ଅଟୁ । ଆମେମାନେ ଏହି ଜଗତର ନୋହୁଁ । ମାତ୍ର ଆମେମାନେ ଆସୁଥିବା

ଏକ ନଗରୀର ଅନ୍ୱେଷଣ କରୁ, ଯାହାର ନିର୍ମାଣକାରୀ ଏବଂ ନିର୍ମାତା ପରମେଶ୍ୱର ଅଟନ୍ତି। ଆମେମାନେ ଏହି ପୃଥିବୀରେ ଧନ ସଂଗ୍ରହ କରୁନାହୁଁ, ଯେଉଁଠାରେକି ଚୋରମାନେ ସନ୍ଧି କାଟନ୍ତି, ଏବଂ ପୋକ ଲାଗନ୍ତି, କଳଙ୍କ ଲାଗନ୍ତି, ଏବଂ କ୍ଷୟପ୍ରାପ୍ତ ହୁଏ। କାରଣ, ଆମର ଧନ ସ୍ୱର୍ଗରେ ଅଛି, ଯେଉଁଠାରେକି ଯୀଶୁ ମହାମହିମଙ୍କ ଡାହାଣ ପଟେ ବସିଥାଆନ୍ତି। ଓଃ, ଏହା ଜାଣିବା, କେତେ ମହିମାମୟ ଏବଂ ଆଶ୍ଚର୍ଯ୍ୟଜନକ ବିଷୟ ଅଟେ ଯେ:

> ଆମର ଆଶାଗୁଡିକ କୌଣସି କିଛି କମ୍ ବିଷୟ ଉପରେ ନିର୍ମିତ ହୋଇନାହିଁ
> ଯୀଶୁଙ୍କ ରକ୍ତ ଏବଂ ଧାର୍ମିକତା ଅପେକ୍ଷା;
> ଯେତେବେଳେକି ମୋର ପ୍ରାଣ ସର୍ବତ୍ର ଭାବେ ଆଶା ଛାଡିଦିଏ,
> ସେତେବେଳେ ସେ ମୋର ସମସ୍ତ ଆଶା ଏବଂ ଭରସା ଅଟନ୍ତି।
>
> ଖ୍ରୀଷ୍ଟ, ସେହି ମଜବୁତ ଶୈଳ ଉପରେ, ମୁଁ ଛିଡ଼ା ହୋଇଛି;
> ଅନ୍ୟ ସମସ୍ତ ଭୂମି ଧସି ଯାଉଥିବା ବାଲୁକା ଅଟେ,
> ଅନ୍ୟ ସମସ୍ତ ଭୂମି ଧସି ଯାଉଥିବା ବାଲୁକା ଅଟେ।

101 ଏଡି ପେରୋନେଟ୍ କିପରି ନିର୍ଯାତନା ସମୟରେ, ସେହି ଗୀତଟିକୁ ଲେଖିଥିଲେ!

> ତେବେ, *ଦୂତମାନଙ୍କ ଦ୍ୱାରା କଥିତ ବାକ୍ୟ ଯଦି ଅଟଳ ହୋଇ ରହିଲା,...* (ଯେତେବେଳେ ପରମେଶ୍ୱରଙ୍କ ବାର୍ତ୍ତାବହ ବାକ୍ୟ କହିଥିଲେ, ଏହା ଅଟଳ ରହିଥିଲା।)...ଆଉ ପ୍ରତ୍ୟେକ ପ୍ରତିଶୋଧ *ଯଥାର୍ଥ ପ୍ରତିଶୋଧ ପାଇଲା;*
>
> *ତେବେ ଆମ୍ଭେମାନେ* ବର୍ତ୍ତମାନ *କିପରି ରକ୍ଷା ପାଇବା, ଯଦି ଆମ୍ଭେ* ଖ୍ରୀଷ୍ଟଙ୍କ କଥା ନ ଶୁଣୁ, ଯିଏକି ସ୍ୱର୍ଗରୁ କଥା କହୁଅଛନ୍ତି?

ତେବେ ଦେଖନ୍ତୁ:

> *ତେବେ ଏପରି ମହାପରିତ୍ରାଣ ଅବହେଳା କଲେ, ଆମ୍ଭେମାନେ କିପରି ରକ୍ଷା ପାଇବା; ...*(ଏହା ବିଷୟରେ ଚିନ୍ତା କରନ୍ତୁ।)...*ତାହା ତ ପ୍ରଥମ*ରେ *ପ୍ରଭୁଙ୍କ ଦ୍ୱାରା କଥିତ ହୋଇ ଆରମ୍ଭ ହୋଇଥିଲା,...*

102 ଖ୍ରୀଷ୍ଟ ତାହାଙ୍କର କାର୍ଯ୍ୟ ଆରମ୍ଭ କରନ୍ତି। ସେ କଅଣ କଲେ? ଆମେ ତାହାଙ୍କୁ ଦେଖୁ, ଯେ ସେ କିପରି...ନମ୍ର, ଦୀନ ଭାବରେ, ସେ କିପରି ଜଣେ ଧର୍ମଶାସ୍ତ୍ରଜ୍ଞ ପରି ଜଣେ ମହାନ ବ୍ୟକ୍ତି ନ ଥିଲେ। ମାତ୍ର ସେ ତ ନମ୍ର, ଦୀନ, ଭଦ୍ର ଥିଲେ। ସେ ଜଣେ ଶକ୍ତିଶାଳୀ ପ୍ରଚାରକ ନ ଥିଲେ। ତାହାଙ୍କ ସ୍ୱର ରାସ୍ତାରେ ଶୁଣାଯାଉ ନ ଥିଲା।

ମାତ୍ର ଯୋହନ ଏକ ଗର୍ଜନ କରୁଥିବା ସିଂହ ପରି ବାହାରି ଆସିଥିଲେ। ସେ ଜଣେ ପ୍ରଚାରକ ଥିଲେ।

103 ଯୀଶୁ ଏକ ଗର୍ଜନ କରୁଥିବା ସିଂହ ପରି, ଆସି ନ ଥିଲେ, ମାତ୍ର ପରମେଶ୍ୱର ତାହାଙ୍କ ସହିତରେ କାର୍ଯ୍ୟ କରି, ବାକ୍ୟକୁ ପ୍ରମାଣସିଦ୍ଧ କରିଥିଲେ। ପରମେଶ୍ୱର ଖ୍ରୀଷ୍ଟଙ୍କ ସହିତରେ ଥିଲେ। ପେଣ୍ଟିକଷ୍ଟ ଦିନରେ, ପିତର କହିଥିଲେ, "ହେ ଇସ୍ରାଏଲର ଲୋକମାନେ, ଏବଂ ଯିହୁଦାନିବାସୀ ଆପଣମାନେ...ନାଜରିତର ଯୀଶୁ, ପରମେଶ୍ୱରଙ୍କ ଅନୁମୋଦିତ ଜଣେ ବ୍ୟକ୍ତି, ଆପଣମାନଙ୍କ ମଧ୍ୟରେ, ଚିହ୍ନ ଓ ଚମତ୍କାର ଏବଂ ଆଶ୍ଚର୍ଯ୍ୟ କର୍ମ ଦ୍ୱାରା, ଯାହାକି ପରମେଶ୍ୱର ତାହାଙ୍କ ଦ୍ୱାରା ସାଧନ କରିଥିଲେ, ଯାହା ବିଷୟରେ ଆପଣମାନେ ସମସ୍ତେ ସାକ୍ଷୀ ଅଟନ୍ତି।" ଦେଖନ୍ତୁ ଯେ ସେ କିପରି ଭାବରେ ଏହାକୁ ସେମାନଙ୍କ ଉପରେ ଦୋଷାରୋପଣ କରିଥିଲେ। "ଆପଣଙ୍କୁ ତାହାଙ୍କୁ ଜାଣିବାର ଉଚିତ୍ ଥିଲା।"

104 ଯୀଶୁ କହିଲେ, "ହେ କପଟୀମାନେ ତୁମେ।" କହିଥିଲେ, "ତୁମେ ବାହାରକୁ ଯାଇ ସୂର୍ଯ୍ୟଙ୍କୁ ଅନାଇଥାଅ, ଏବଂ ତୁମେ...ଏହା ଲାଲ୍ ଏବଂ ଅସ୍ତ ହେଉଥାଏ, ତୁମେ କହିଥାଅ, 'ଏହା ଖରାପ ପାଗ ହେବାକୁ ଯାଉଅଛି।' ଏବଂ ଯଦି ଏହା ଉଜ୍ଜ୍ୱଳ ଏବଂ ଖରା ହୋଇଥାଏ, କିଅବା ପ୍ରଭୃତି ସବୁ ଥାଏ, ତୁମେ କହିଥାଅ, 'ଏହା ଭଲ ପାଗ ହେବାକୁ ଯାଉଅଛି।'" କହିଲେ, "ତୁମେ ଆକାଶର ଚିହ୍ନକୁ ବୁଝିପାର, ମାତ୍ର ସମୟର ଲକ୍ଷଣକୁ, ତୁମେ ଜାଣିପାର ନାହିଁ। କାରଣ ଯଦି ତୁମେ ମୋତେ ଜାଣିଥାଆନ୍ତ, ତେବେ ତୁମେ ମୋର ଦିନକୁ ମଧ୍ୟ ଜାଣିଥାଆନ୍ତ।"

105 ଓଃ, ସେ ଆଜି ରାତି କଅଣ ଚିତ୍କାର କରିଥାଆନ୍ତେ। କିପରି ତାହାଙ୍କ ଆତ୍ମା ତାହାଙ୍କ ପ୍ରଚାରକମାନଙ୍କ ଦେଇ ଚିତ୍କାର କରିଥାଏ, "ସମୟ ସନ୍ନିକଟ ଅଟେ!"

ଆମେ ବୁଝି ପାରୁଛୁ। ଆମେ ପରମାଣୁ ବୋମା ଦେଖୁଅଛୁ। ଆମେ ଜାଣୁ ଯେ କିଏ କ୍ଲାର୍କ ଗେବଲ୍‌ଙ୍କ ସ୍ଥାନ ଗ୍ରହଣ କରିବାକୁ ଯାଉଛନ୍ତି, ଏବଂ କିଏ *ଏହା*, *ତାହା* କିମ୍ବା *ଅନ୍ୟ କିଛି* କରିବାକୁ ଯାଉଛନ୍ତି; କିମ୍ବା କିଏ ଉପ-ରାଷ୍ଟ୍ରପତି ହେବେ। ଆମେମାନେ ସେଥିରେ ଆଗ୍ରହୀ ଅଟୁ, ମାତ୍ର ଆମେ ସମୟର ଚିହ୍ନଗୁଡିକ ଜାଣିପାରୁ ନାହୁଁ। ଆମେମାନେ ଶେଷରେ ଅଛୁ।

106 ଏହା କଅଣ ଅଟେ? ଆମେମାନେ ଏଥିରେ ଅତି ଆଗ୍ରହୀ ଅଟୁ ଯେ, "ଟେଲିଭିଜନର ପରବର୍ତ୍ତୀ ଅଧ୍ୟାୟ କଅଣ ଅଟେ? ସୁଜି କଅଣ କରିବାକୁ ଯାଉଅଛି?" କିମ୍ବା ସେହି ସ୍ତ୍ରୀଲୋକର ନାମ ଯାହା କିଛି ଅଟେ? "ଏବଂ ଆର୍ଥର ଗଡଫ୍ରେ କେଉଁଆଡେ ଯାଉଛନ୍ତି? ପରବର୍ତ୍ତୀ ସମୟରେ ସେ କେଉଁ ପ୍ରକାର ଏକ ମଜାଳିଆ କଥା କହିବାକୁ ଯାଉଛନ୍ତି?" ଆମେମାନେ, ଖ୍ରୀଷ୍ଟିଆନ ଭାବରେ, ଆମର ମନକୁ ଏପରି ଆବର୍ଜନାରେ ପରିପୂର୍ଣ୍ଣ କରି ଦେଇଥାଉ, ଯେତେବେଳେକି ଆମମାନଙ୍କୁ କୌଣସି ସ୍ଥାନରେ ପ୍ରାର୍ଥନାରେ ରହିବା ଉଚିତ୍, ଏବଂ ବାଇବଲ ଅଧ୍ୟୟନ କରିବା ଉଚିତ୍, ଯେପରିକି ସମୟର ସେହି ଚିହ୍ନଗୁଡିକୁ ଜାଣିପାରୁ ଯେଉଁଥିରେକି ଆମେମାନେ ରହୁଅଛୁ।

107 ତାହା କଅଣ କରେ, ଅନେକ ସମୟରେ, ଦୁର୍ବଳ ପ୍ରଚାରମଞ୍ଚଗୁଡିକୁ ନିର୍ମାଣ କରେ, ତାହା ଠିକ୍, ଯେଉଁମାନେକି ତଳକୁ ଓହ୍ଲାଇ ସୁସମାଚାର ସତ୍ୟକୁ ନେଇ ଆସନ୍ତି ନାହିଁ। ଆମକୁ ଆଗାମୀ ଦିନଗୁଡିକରେ ତାହା ପାଇଁ ଉତ୍ତର ଦେବାକୁ ପଡିବ। ଆମେ କୌଣସି ବିଷୟକୁ

ଅବହେଳା କରିବା ଉଚିତ୍ ନୁହେଁ । ଏବଂ ଲୋକମାନେ, ଯେତେବେଳେକି ଆମେମାନେ ଏହି ବ୍ରାନହାମ୍ ଟେବର୍ନେକଲ୍‌ରେ, ଚିହ୍ନ ଏବଂ ଆଶ୍ଚର୍ଯ୍ୟକର୍ମ, ପୁଣି ପୁନରୁତ୍ଥିତ ଖ୍ରୀଷ୍ଟଙ୍କ ଶକ୍ତିକୁ ଦେଖିବା ନିମନ୍ତେ ଅଛୁ; ଏବଂ ତାହାପରେ ଏହା ଜାଣିବା ଯେ ଆମେମାନେ ଆମର—ଆମର ସମୟକୁ ଅନ୍ୟାନ୍ୟ ବିଷୟଗୁଡିକ ଉପରେ ସ୍ଥାପନ କରିବା, ଏବଂ ପ୍ରଭୁ ଯୀଶୁଙ୍କ ସ୍ୱର ଶୁଣିବାକୁ ଅବହେଳା କରିବା, "ତେବେ ଏପରି ମହାପରିତ୍ରାଣ ଅବହେଳା କଲେ, ଆମ୍ଭେମାନେ କିପରି ରକ୍ଷା ପାଇବା?"

108 ସେହି 3ୟ ପଦ, କିମ୍ବା ସେହି 4ର୍ଥ ପଦ । ଆଜି ସକାଳେ, ଆମେମାନେ ଏଠାରେ ହିଁ, ସେହି 4ର୍ଥ ପଦରେ ସମାପ୍ତ କରିଥିଲୁ ।

*ସେ ସମ୍ବନ୍ଧରେ ପରମେଶ୍ୱର ମଧ୍ୟ ନିଜ ଇଚ୍ଛାନୁସାରେ,…*(ଓଃ, ମୋର ପ୍ରଭୁ!)

*ପରମେଶ୍ୱର…ନିଜ ଇଚ୍ଛାନୁସାରେ,…*

ସେହି ବାକ୍ୟ ଶୁଣନ୍ତୁ ।

*…ନାନା ଚିହ୍ନ…ଅଦ୍ଭୁତ କର୍ମ, ପୁଣି ବିବିଧ ଶକ୍ତିର କାର୍ଯ୍ୟ,…*

*ବିବିଧ* ଶକ୍ତିର କାର୍ଯ୍ୟ କଅଣ ଅଟେ? ବିବିଧ *କଅଣ* ଅଟେ? *ବିବିଧ*ର ଅର୍ଥ "ଅନେକ ।" "*ଅନେକ* ଶକ୍ତିର କାର୍ଯ୍ୟ ସହିତ, ପରମେଶ୍ୱର ସାକ୍ଷ୍ୟ ଦେଇଅଛନ୍ତି ।" ହେ ପରମେଶ୍ୱର! ମୁଁ ବିଶ୍ୱାସ କରେ ଯେ ଏହା ଆପଣଙ୍କ ହୃଦୟ ଭିତରେ ନିମଜ୍ଜିତ ହୋଇଯିବ । ଶୁଣନ୍ତୁ ।

109 ମୁଁ ଏଠାରେ ଭାଇ ନେଭିଲଙ୍କ ସହିତ ଆପଣମାନଙ୍କର ପାଳକଗଣ ମଧ୍ୟରୁ ଜଣେ ଅଟେ । ମୁଁ ଚାହେଁ ଯେ ଆପଣ ଏହାକୁ ଦସ୍ତାବେଜରେ ଲେଖି ରଖନ୍ତୁ । ବାଇବଲ କୁହେ, "ଯଦି ତୁମମାନଙ୍କ ମଧ୍ୟରେ କେହି ଜଣେ ଉଠେ, ଏବଂ ସେ *ଅମୁକ-ଓ-ଅମୁକ* କୁହେ, ଏବଂ ଏହା ସଫଳ ହୁଏ ନାହିଁ, ତେବେ ତାହାଙ୍କର ଶୁଣ ନାହିଁ, କାରଣ ମୁଁ ତାହା କହି ନାହିଁ । ମାତ୍ର ଯଦି ସେ ମୋ ନାମରେ କଥା କୁହନ୍ତି, ଏବଂ ସେ ଯାହା କୁହନ୍ତି ତାହା ସଫଳ ହୁଏ, ତେବେ ତାହାଙ୍କର ଶୁଣ ।" ଆମେନ୍ । "କାରଣ ମୁଁ ସେହି ଭବିଷ୍ୟଦ୍‌ବକ୍ତା ସହିତ, କିମ୍ବା ସେହି ପ୍ରଚାରକ ସହିତରେ ଥାଏ, ଏହା ଯାହା ହେଉନା କାହିଁକି । ଯଦି ସେ ଯାହା କୁହନ୍ତି ତାହା ସଫଳ ହୁଏ, ତେବେ ତାହାଙ୍କର କଥା ଶୁଣ ।"

110 ତେବେ, ବନ୍ଧୁଗଣ, ଆସନ୍ତୁ ତାହାଙ୍କୁ ଶୁଣିବା, ସେହି ପବିତ୍ରଆତ୍ମାଙ୍କୁ ଯିଏକି ଆମ ମଧ୍ୟରେ କଥା କହୁଅଛନ୍ତି, ଏବଂ ବିଭିନ୍ନ ଆଶ୍ଚର୍ଯ୍ୟ କର୍ମ, ଏବଂ ଚିହ୍ନ, ଓ ଚମତ୍କାର ଦେଖାଉଅଛନ୍ତି । ଏହାକୁ କେବଳ ସାଧାରଣ ଘଟଣା ଭାବି ଏହାକୁ ଅତିକ୍ରମ କରି ଦେଇ ଯାଆନ୍ତୁ ନାହିଁ । ଆସନ୍ତୁ ମନେ ରଖିବା ଯେ ଏହା ହେଉଛନ୍ତି ଯୀଶୁ ଖ୍ରୀଷ୍ଟ, ଯିଏକି ଗତକାଲି, ଆଜି, ଏବଂ ଚିରଦିନ ସମାନ ଅଟନ୍ତି; ଆପଣା ବାକ୍ୟକୁ ପ୍ରମାଣସିଦ୍ଧ କରୁଅଛନ୍ତି । ଆମେ ଏହା ନିଶ୍ଚିତ କରିବା କଥା । ଓଃ, ଦୟାକରି ଏହା କରନ୍ତୁ । ଧ୍ୟାନ ଦିଅନ୍ତୁ । ଏହା ହେଉ ଯେ ଅନ୍ୟ ସମସ୍ତ ବିଷୟ ଅତିରିକ୍ତ ହୋଇଯାଉ, ଏପରିକି ଆପଣଙ୍କ ଘର, ଆପଣଙ୍କର ସ୍ୱାମୀ, ଆପଣଙ୍କର ପତ୍ନୀ, ଆପଣଙ୍କର ପିଲାମାନେ । ଏହା ଯାହାକିଛି ବି ହୋଇପାରେ, ଏହାକୁ

ଦ୍ୱିତୀୟରେ ରଖନ୍ତୁ । ପରମେଶ୍ୱରଙ୍କୁ ପ୍ରଥମରେ ରଖନ୍ତୁ । ଆପଣ କୁହନ୍ତି, “ଭାଇ ବ୍ରାନହାମ୍, ମୋ ପିଲାମାନଙ୍କ ଉପରେ?” ଯେକୌଣସି ବିଷୟ ଉପରେ । ପରମେଶ୍ୱରଙ୍କୁ ପ୍ରଥମରେ ରଖନ୍ତୁ । ସେ ପ୍ରଥମ ହୁଅନ୍ତୁ ।

111 ଏଲିୟ ଦିନେ, ପର୍ବତରୁ ଓହ୍ଲାଇ ଆସିଲେ । ସେ ଜଣେ ଦୂତ, ଜଣେ ବାର୍ତ୍ତାବହ, ପରମେଶ୍ୱରଙ୍କ ବାର୍ତ୍ତାବହ, ଅଭିଷିକ୍ତ ଥିଲେ । ଏବଂ ସେ ଜଣେ ବିଧବା ସ୍ତ୍ରୀଲୋକକୁ ଦୁଇଟି ଶୁଖିଲା ବାଡି ଶାଉଁଟୁଥିବାର ଦେଖିଲେ । ସେ କହିଲେ, “ଯାଅ, ମୋ ପାଇଁ ଗୋଟିଏ ଛୋଟ ପିଠା ପ୍ରସ୍ତୁତ କରି ଆଣ, ଏବଂ ମୋ ପାଇଁ ଟିକିଏ ଜଳ ଆଣ ।”

112 ଏବଂ ସେ କହିଲା, “ତୁମର ପ୍ରାଣ ଜୀବିତ ଥିବା ପ୍ରମାଣେ, ମୋ ପାଖରେ କେବଳ ସେତିକି ପିଠା, କିମ୍ବା ସେତିକି ମଇଦା ଅଛି, ଯେଉଁଥିରେକି ଗୋଟିଏ ଛୋଟ ପିଠା ହୋଇପାରିବ । ଏବଂ ମୋ ପାଖରେ ଏହା ସହିତ ମିଶାଇ, ଓ ଏହାକୁ ପ୍ରସ୍ତୁତ କରିବା ପାଇଁ କେବଳ ସେତିକି ତେଲ ଅଛି । ଏବଂ ମୁଁ ଦୁଇଟି ଶୁଖିଲା ବାଡି ଶାଉଁଟୁ ଅଛି ।” ପୁରୁଣା-କାଳିଆ ପଦ୍ଧତିଟି ହେଲା, ଏହା ଭାରତୀୟ ଉପାୟ ଅଟେ, ଯେ କାଠିଗୁଡିକୁ ଗୋଟିଏକୁ ଆର ସହିତ କୃଶ ପରି ରଖିବା, ଏବଂ ଏହାକୁ ମଧ୍ୟଭାଗରୁ ଜଳାଇବା, ଏବଂ ଏହାକୁ ଭିତରକୁ ଠେଲୁଥିବା । ଏହିପରି ଭାବରେ ଅନେକ ବାହ୍ୟ ଶିବିର ଅଗ୍ନି ପ୍ରଜ୍ୱଳିତ କରିଅଛୁ । କହିଲା, “ଏବଂ ମୁଁ ସେହି ଛୋଟ ପିଠାଟିକୁ ନିଜ ପାଇଁ ଏବଂ ମୋ ପୁଅ ପାଇଁ, ମୋ ପିଲା ପାଇଁ ପ୍ରସ୍ତୁତ କରିବାକୁ ଯାଉଅଛି । ଏବଂ ଆମେ ଏହାକୁ ଖାଇ ତତ୍ପରେ ମରିବାକୁ ଯାଉଅଛୁ ।” ସେଠାରେ ସାଢ଼େ ତିନି ବର୍ଷ ହେବ ମରୁଡ଼ି ପରିସ୍ଥିତି ରହିଥିଲା, କୌଣସିଠାରେ ସୁଦ୍ଧା ପାଣି ନ ଥିଲା ।

113 ସେହି କଠୋର, ବୃଦ୍ଧ ଭବିଷ୍ୟଦ୍‌ବକ୍ତାଜଣକ, ସେହି ସ୍ତ୍ରୀଲୋକର ମୁହଁକୁ ଚାହିଁଲେ । ସେ କହିଲେ, “ଯାଅ, ପ୍ରଥମେ ମୋ ପାଇଁ ଏକ ପିଠା ପ୍ରସ୍ତୁତ କର ।” ଜଣେ ପୁରୁଷ ପାଇଁ ଭୋକରେ ମରୁଥିବା, ଜଣେ ବିଧବା ସ୍ତ୍ରୀଲୋକକୁ ତାହା କହିବା, କି ଏକ ଆଦେଶ ଅଟେ, ଯେ ପ୍ରଥମେ ତାଙ୍କୁ ଖାଇବାକୁ ଦେବା । ସେ କଅଣ କହିଲେ? “କାରଣ **ସଦାପ୍ରଭୁ ଏହି କଥା କୁହନ୍ତି,** କଳସରେ ମଇଦା ଶେଷ ହେବ ନାହିଁ, କି ପାତ୍ରରେ ତେଲ ଶେଷ ହେବ ନାହିଁ, ଯେପର୍ଯ୍ୟନ୍ତକି ପରମମେଶ୍ୱର ପୃଥିବୀକୁ ବର୍ଷା ପଠାନ୍ତି ନାହିଁ ।”

ପ୍ରଥମେ, ପରମମେଶ୍ୱର । ସେ ଭିତରକୁ ଯାଇ ସେହି ଛୋଟ ପିଠାଟି ପ୍ରସ୍ତୁତ କଲା, ଏବଂ ତାହାକୁ ଆଣି ଭବିଷ୍ୟଦ୍‌ବକ୍ତାଙ୍କୁ ଦେଲା । ଠିକ ଭିତରକୁ ଯାଇ ପୁଣି ଆଉ ଗୋଟିଏ ପ୍ରସ୍ତୁତ କଲା, ଏବଂ ଆଉ ଗୋଟିଏ, ଏବଂ ଆଉ ଗୋଟିଏ, ଏବଂ ଆଉ ଗୋଟିଏ । ଏବଂ ସେହି କଳସ କେବେବି ଶେଷ ହେଲା ନାହିଁ, କି ପାତ୍ରରେ ତେଲ ଶେଷ ହେଲା ନାହିଁ, ଯେପର୍ଯ୍ୟନ୍ତକି ପରମେଶ୍ୱର ପୃଥିବୀ ଉପରକୁ ବର୍ଷା ପଠାଇଲେ ନାହିଁ । ସେହି ସ୍ତ୍ରୀଲୋକ ନିଜ ସନ୍ତାନମାନଙ୍କ ଆଗରେ ପରମେଶ୍ୱରଙ୍କୁ ରଖିଲା । ସେ ଅନ୍ୟ ସମସ୍ତ କିଛି ପୂର୍ବରୁ ପରମେଶ୍ୱରଙ୍କୁ ରଖିଥିଲା । ସେ ପ୍ରଥମେ ପରମେଶ୍ୱରଙ୍କ ରାଜ୍ୟକୁ, ଗ୍ରହଣ କରିଥିଲା ।

114 ପରମେଶ୍ୱରଙ୍କୁ ଆପଣଙ୍କ ହୃଦୟରେ ପ୍ରଥମ ସ୍ଥାନ, ଆପଣଙ୍କ ଜୀବନରେ ପ୍ରଥମ ସ୍ଥାନ

ନେବାକୁ ଅଛି, ସେସମସ୍ତ ବିଷୟରେ ପ୍ରଥମ ସ୍ଥାନ ନେବାକୁ ଅଛି ଯାହାକିଛି ଆପଣ କରନ୍ତି କିମ୍ଵା ଯାହାକିଛି ଆପଣ ଅଟନ୍ତି । ପରମେଶ୍ଵରଙ୍କୁ ପ୍ରଥମ ହେବାକୁ ଅଛି । ସେ ଦ୍ଵିତୀୟ ସ୍ଥାନ ଚାହାଁନ୍ତି ନାହିଁ । ସେ ଦ୍ଵିତୀୟ ସ୍ଥାନର ଯୋଗ୍ୟ ନୁହଁନ୍ତି । ସେ ତ ସର୍ବୋତ୍ତମ, ଏବଂ ପ୍ରଥମ, ଏବଂ ଯାହାସବୁ କିଛି ଆମେମାନେ ପାଇଛୁ, ତାହା ପାଇବାର ଯୋଗ୍ୟ ଅଟନ୍ତି । ସେ ଏହାର ଯୋଗ୍ୟ ଅଟନ୍ତି । ତାହାଙ୍କ ପବିତ୍ର ନାମର ଧନ୍ୟ ହେଉ ।

> *କାରଣ ସେ ସମ୍ବନ୍ଧରେ ପରମେଶ୍ଵର ମଧ୍ୟ…ନିଜ ଇଚ୍ଛାନୁସାରେ, ନାନା ଚିହ୍ନ, ଅଦ୍ଭୁତ କର୍ମ,…ପୁଣି ବିବିଧ ଶକ୍ତିର କାର୍ଯ୍ୟ, ଓ ପବିତ୍ରଆତ୍ମାଙ୍କ ଅନ୍ୟାନ୍ୟ ଦାନ, ଦ୍ଵାରା ସାକ୍ଷ୍ୟ ଦେଇଅଛନ୍ତି?*

115 ଏହା ତାହା ନୁହେଁ ଯାହା ପୁରୁଷମାନେ କଅଣ କୁହନ୍ତି, କିମ୍ଵା ମଣ୍ଡଳୀ କଅଣ କୁହେ, ବରଂ ପରମେଶ୍ଵରଙ୍କ ଇଚ୍ଛା କଅଣ ଥିଲା । ଓଃ, ଆମକୁ ତ ପରମେଶ୍ଵରଙ୍କ ଇଚ୍ଛା ଅନ୍ଵେଷଣ କରିବା ଆବଶ୍ୟକ, ଆପଣଙ୍କ ପଡ଼ୋଶୀର ଅନୁଗ୍ରହ ନୁହେଁ, ଆପଣଙ୍କ ସନ୍ତାନମାନଙ୍କ ଅନୁଗ୍ରହ ନୁହେଁ, ଆପଣଙ୍କ ସ୍ଵାମୀ କିମ୍ଵା ସ୍ତ୍ରୀର ଅନୁଗ୍ରହ ନୁହେଁ । ମାତ୍ର, ପରମେଶ୍ଵରଙ୍କ ଇଚ୍ଛା ଅନ୍ଵେଷଣ କରନ୍ତୁ, ଏବଂ ପ୍ରଥମେ ତାହା ସାଧନ କରନ୍ତୁ । ତାହାପରେ ଅନ୍ୟ ସବୁକିଛି, ପତ୍ନୀଙ୍କ ଇଚ୍ଛା ଏବଂ ପିଲାମାନଙ୍କର ଇଚ୍ଛା, ଏହା ସହିତ ଠିକ୍ ଭାବରେ ମିଶି ଯିବ । ମାତ୍ର, ପ୍ରଥମେ ପରମେଶ୍ଵରଙ୍କୁ ସ୍ଥାନ ଦିଅନ୍ତୁ ।

116 ବର୍ତ୍ତମାନ, ଦେଖନ୍ତୁ ।

> *କାରଣ ଯେଉଁ ଭାବୀ ଜଗତର କଥା ଆମ୍ଭେମାନେ କହୁଅଛୁ, ତାହା ସେ ଦୂତମାନଙ୍କ ଅଧୀନ କରି ନାହାଁନ୍ତି ।*

117 ଅନ୍ୟଥା, ସେହି ମହାନ ସ୍ଵର୍ଗଦୂତମାନେ ଯେଉଁମାନେକି ସ୍ଵର୍ଗରେ ସେବା କରନ୍ତି, ଗାବ୍ରିୟେଲ୍, ମୀଖାୟେଲ୍, ଉଡ଼ୱର୍ମ, ଏବଂ ଦଶ ସହସ୍ର ଗୁଣନ ଦଶ ସହସ୍ର ସ୍ଵର୍ଗର ଦୂତମାନେ; କିମ୍ବା ଦଶ ହଜାର ଭବିଷ୍ୟଦ୍‌ବକ୍ତାଗଣ ଯେଉଁମାନେକି ପୃଥିବୀରେ ରହିଥିଲେ, ସେମାନଙ୍କ ମଧ୍ୟରୁ ପ୍ରତ୍ୟେକଜଣ; ସେ ସେମାନଙ୍କ ମଧ୍ୟରୁ କାହାରିକୁ ହେଲେ ସେହି ଭାବୀ ଜଗତ ଉପରେ ନିୟନ୍ତ୍ରଣ ରଖିବା ପାଇଁ କଦାପି ରଖିଲେ ନାହିଁ, ଯାହା ବିଷୟରେ ଆମେମାନେ କହୁଅଛୁ । ଜଣକାକୁ ବି ନୁହେଁ! ସେ କଦାପି କହିଲେ ନାହିଁ, "ଯିଶାଇୟ, ତୁମେ ଜଗତକୁ ନିୟନ୍ତ୍ରଣ କରିବ ।" ସେ କଦାପି ଜଗତକୁ ଏଲିୟଙ୍କ ଅଧୀନରେ ରଖିଲେ ନାହିଁ । ନା ସେ ଏହାକୁ ଗାବ୍ରିୟେଲ୍ କିମ୍ଵା କୌଣସି ଦୂତ, କୌଣସି ସେବାକାରୀ ଆତ୍ମାକୁ ସମର୍ପଣ କଲେ ।

118 ଦେଖନ୍ତୁ ଯେ ସେ କଅଣ କହିଥିଲେ, ପାଉଲ, ଏବେ ସୁଦ୍ଧା ଖ୍ରୀଷ୍ଟଙ୍କୁ ଗୌରବାନ୍ଵିତ କରୁଥିଲେ, ଯାହା ବିଷୟରେ ଆମେମାନେ କହୁଅଛୁ ।

> *କିନ୍ତୁ ଜଣେ କୌଣସି ସ୍ଥାନରେ ଏହି କଥା କହି, ସାକ୍ଷ୍ୟ ଦେଇଅଛନ୍ତି, ମନୁଷ୍ୟ କିଏ, ଯେ ତୁମ୍ଭେ ତାହାକୁ ସ୍ମରଣ କରିଥାଅ? କିମ୍ଵା ମନୁଷ୍ୟସନ୍ତାନ କିଏ, ଯେ ତୁମ୍ଭେ ତାହାର ତତ୍ତ୍ଵ ନେଇଥାଅ?*

*ତୁମ୍ଭେ ଦୂତମାନଙ୍କଠାରୁ ତାହାକୁ ଅଳ୍ପ ନ୍ୟୁନ କରିଅଛ; ତୁମ୍ଭେ ତାହାକୁ ଗୌରବ ଓ ସମ୍ଭ୍ରମରୂପ ମୁକୁଟରେ ଭୂଷିତ କରିଅଛ, ଏବଂ ତୁମ୍ଭେ ତାହାର ପାଦ ତଳେ ସମସ୍ତ ବିଷୟ ଅଧୀନ କରି ରଖିଅଛ।*

119 ବର୍ତ୍ତମାନ, ଯଦି ଆପଣ ତାହା ପାଠ କରିବାକୁ ଚାହାଁନ୍ତି, ଏହା ହେଉଛି ଗୀତ ସଂହିତା ୫:4-6, ଦାଉଦ କହୁଛନ୍ତି। ତେବେ ସେ ଏଠାରେ ଦାଉଦଙ୍କୁ କଅଣ ବୋଲି ଡାକିଲେ? ଭବିଷ୍ୟଦ୍‌ବକ୍ତାଙ୍କ ଉପରେ, ମୁଁ ଆଜି ସକାଳେ ଠିକ୍ ଥିଲି କି ନାହିଁ, ତାହା ଠିକ ଏଠାରେ ଏହାକୁ ସମାଧାନ କରେ।

120 ସେ କହିଲେ, "କାରଣ ଜଣେ ଦୂତ କୌଣସି ଏକ ସ୍ଥାନରେ କହିଥିଲେ।" ଦାଉଦ, ପରମେଶ୍ୱରଙ୍କ ବାର୍ତ୍ତାବହ, ପରମେଶ୍ୱରଙ୍କ ଜଣେ ଦୂତ ଥିଲେ, କାରଣ ସେ ପରମେଶ୍ୱରଙ୍କ ବାର୍ତ୍ତାବହ ଥିଲେ। ଗୀତ ସଂହିତାରେ, ସେହି ଦୂତ କହିଲେ, ଦାଉଦ କହିଲେ, "ତୁମେ ତାଙ୍କୁ ସ୍ୱର୍ଗଦୂତମାନଙ୍କଠାରୁ ଅଳ୍ପ ନ୍ୟୁନ କରିଅଛ।" ଜଣେ ଦୂତ କହିଲେ ଯେ ପରମେଶ୍ୱର ତାଙ୍କୁ ଜଣେ ସ୍ୱର୍ଗଦୂତଠାରୁ ଅଳ୍ପ ନ୍ୟୁନ କରିଅଛନ୍ତି, ଯେପରିକି ସେ ତାଙ୍କୁ ମୁକୁଟ ପିନ୍ଧାଇ ପାରିବେ; ପୁଣି, ସେ ଯେପରି ଦୁଃଖଭୋଗ କରି ମୃତ୍ୟୁବରଣ କରିବେ, ଯେପରିକି ପୁନର୍ବାର ଉନ୍ନୀତ କରାଯାଆନ୍ତି। ଯେପରିକି ସେ ତାହାଙ୍କୁ କରି ପାରିବେ…ଜଗତର ସମସ୍ତ ବିଷୟର ଉତ୍ତରାଧିକାରୀ ହୋଇପାରିବେ। [ଟେପ୍‌ରେ ରିକ୍ତ ସ୍ଥାନ—ସମ୍ପା।]

121 ତେବେ, ମାଥିଉ ୨୪:୧୪ ରେ—ରେ, ଆମେ ସେଗୁଡ଼ିକୁ ପଢ଼ିଅଛୁ। ସେ କ୍ରୁଶାର୍ପିତ ହୋଇ ତୃତୀୟ ଦିନରେ ପୁନର୍ବାର ଉଠିବା ପରେ, ସେ ନିଜ ଶିଷ୍ୟମାନଙ୍କ ସହିତ ସାକ୍ଷାତ କଲେ ଏବଂ ସେମାନଙ୍କୁ ସମସ୍ତ ଜଗତକୁ ଯାଇ, ପ୍ରତ୍ୟେକ ପ୍ରାଣୀଙ୍କୁ ସୁସମାଚାର ପ୍ରଚାର କରିବାର କାର୍ଯ୍ୟଭାର ଦେଇଥିଲେ। ସେ କହିଲେ, "ସ୍ୱର୍ଗ ଏବଂ ପୃଥିବୀର ସମସ୍ତ ଶକ୍ତି ମୋ ହସ୍ତାଧିନ ଅଟେ। ସ୍ୱର୍ଗର ସମସ୍ତ ଶକ୍ତି, ପୃଥିବୀର ସମସ୍ତ ଶକ୍ତି, ମୋତେ ଦତ୍ତ ହୋଇଅଛି।" ଏହା କଅଣ ଥିଲା? ମନୁଷ୍ୟ ଏବଂ ପରମେଶ୍ୱର ଏକୀକୃତ ହୋଇଥିଲେ। ଲୋଗୋସ୍ ଦେହ ଧାରଣ କରିଥିଲେ ଏବଂ ହତ ହୋଇଥିଲେ, ଏବଂ ଆମ ଧାର୍ମିକତା ପାଇଁ ପୁନରୁତ୍ଥିତ ହୋଇଥିଲେ, ଏବଂ ତାହାପରେ ଚିରକାଳ ଓ ସଦାକାଳ ନିମନ୍ତେ ଅଭିଷିକ୍ତ ଇମ୍ମାନୁୟେଲ୍ ଥିଲେ। ପରମେଶ୍ୱର ତାହାଙ୍କର ଆବାସ ସ୍ଥାନକୁ, ଏକ ସିଂହାସନଠାରୁ ଶୂନ୍ୟମଣ୍ଡଳକୁ, ତାହାଙ୍କ ପୁତ୍ର, ଖ୍ରୀଷ୍ଟ ଯୀଶୁଙ୍କ ହୃଦୟକୁ ସ୍ଥାନାନ୍ତରିତ କରିଥିଲେ, ଯେପରିକି ଚିରକାଳ ବଞ୍ଚି ରୁହନ୍ତି ଏବଂ ରାଜତ୍ୱ କରନ୍ତି। "ପରମେଶ୍ୱର ଖ୍ରୀଷ୍ଟଙ୍କଠାରେ ଥିଲେ।" ସେ ଆମ୍ଭାଙ୍କର ସେହି ଅନ୍ତିମ ବିଶ୍ରାମ ସ୍ଥାନ ଅଟନ୍ତି।

122 ଆମ୍ଭା ଦିନେ, ଗୋଟିଏ ତମ୍ବୁରେ, ଆପଣମାନେ ତାହା ଜାଣନ୍ତି, ତମ୍ବୁ ତଳେ ବାସ କରିଥିଲେ। "ଏବଂ ଶଲୋମନ ତାହାଙ୍କ ନିମନ୍ତେ ଏକ ଗୃହ ନିର୍ମାଣ କଲେ। କିନ୍ତୁ, ତଥାପି, ସର୍ବୋପରିସ୍ଥ ହସ୍ତନିର୍ମିତ ଗୃହରେ ବାସ କରନ୍ତି ନାହିଁ।" "ମାତ୍ର ତୁମେ ମୋ ପାଇଁ ଏକ ଶରୀର ପ୍ରସ୍ତୁତ କରିଅଛ।"

123 ସେଠାରେ ପ୍ରେରିତ କ୍ରିୟା ପୁସ୍ତକ, ତାର 7ମ ଅଧ୍ୟାୟରେ, ଯେତେବେଳେ ସେ କହୁଥିଲେ, ସେ କହିଲେ, "ସମସ୍ତେ ଏହା ପୂର୍ବାନୁମାନ କରିଥିଲେ। ସେମାନେ ତାହାଙ୍କ ପାଇଁ ତମ୍ବୁ ନିର୍ମାଣ କରିଥିଲେ, ମୋଶା କରିଥିଲେ, ଏକ ତମ୍ବୁ ନିର୍ମାଣ କରିଥିଲେ, ଏବଂ ସେଠାରେ ସିଂନ୍ଦୁକକୁ ରଖିଥିଲେ, କାରଣ ପରମେଶ୍ୱର ଦୟାର ସିଂହାସନ ଉପରେ ଥିଲେ। ସେ ସେଠାରେ ରହିଲେ ନାହିଁ।" ଠିକ୍ ଅଛି।

124 ତାହାପରେ, "ମାତ୍ର ତୁମେ ମୋ ପାଇଁ ଏକ ଶରୀର ପ୍ରସ୍ତୁତ କରିଅଛ," ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଶରୀର, ଦୂତମାନଙ୍କଠାରୁ ଅଳ୍ପ ନ୍ୟୂନ କରାଗଲେ ଯେପରିକି ମୃତ୍ୟୁକୁ ଆସ୍ୱାଦନ କରନ୍ତି; ଏବଂ ଅନ୍ୟ କେହି ନୁହଁ ବରଂ ସର୍ବୋପରିସ୍ଥ, ଖ୍ରୀଷ୍ଟ; ଶାନ୍ତିର ରାଜକୁମାର, ରାଜାମାନଙ୍କର ରାଜା, ପ୍ରଭୁଙ୍କର ପ୍ରଭୁ, ବ୍ରହ୍ମାଣ୍ଡର ପ୍ରତ୍ୟେକ ତାରାର ସୃଷ୍ଟିକର୍ତ୍ତା।

125 ହେ ପରମେଶ୍ୱର! ସେ ନିଜ ସୃଷ୍ଟିଠାରୁ ଅଳ୍ପ ନ୍ୟୂନ କରାଗଲେ, ଯେପରିକି ସେ ମନୁଷ୍ୟକୁ (ଗୃହବିହୀନ, ଅସହାୟ ମନୁଷ୍ୟ) ମୁକ୍ତ କରିପାରନ୍ତି, ଏବଂ ସେମାନଙ୍କୁ ସ୍ୱର୍ଗରେ ଏକ ଘର ଦେଇପାରନ୍ତି। ସେ ସ୍ୱର୍ଗର ବିଭବକୁ ପରିତ୍ୟାଗ କରିଥିଲେ। ସେ ଡକା ଯାଇପାରୁଥିବା ସର୍ବୋଚ୍ଚ ନାମକୁ ଛାଡି ଆସିଥିଲେ। ଏବଂ ଯେତେବେଳେ ସେ ପୃଥିବୀରେ ଥିଲେ, ମନୁଷ୍ୟ ତାହାଙ୍କୁ ସେହି ସର୍ବନିମ୍ନ ନାମ ଦେଇଥିଲା ଯାହା ସେମାନେ ତାହାଙ୍କୁ ଦେଇପାରିଥିଲେ, କହିଥିଲେ, "ଆରମ୍ଭରୁହିଁ, ସେ ଏକ ଅବୈଧ ଶିଶୁ ଥିଲେ।" ଏକ ଗୁହାଳକୁଣ୍ଡରେ ଜନ୍ମ ହୋଇଥିଲେ, ଗୋରୁ ବେକରେ ବନ୍ଧା ହେଉଥିବା ଅଖାଲୁଗାରେ ଗୁଡ଼ା ଯାଇଥିଲେ। ଯିବା ପାଇଁ କୌଣସି ସ୍ଥାନ ନ ଥିଲା, ଯିବା ପାଇଁ କୌଣସି ଘର ନ ଥିଲା। ଏବଂ, "ବାଆଲ୍‌ଯିବୂଲ୍," ଶୟତାନମାନଙ୍କର ମୁଖ୍ୟ ବୋଲି ଡକା ଯାଇଥିଲେ। ତାଙ୍କୁ ଅସଦାଚରଣ କରାଯାଇଥିଲା। ତାଙ୍କ ଉପରେ ଛେପ ପକାଯାଇଥିଲା। ତାଙ୍କୁ ପରିହାସ କରାଯାଇଥିଲା। ତାଙ୍କୁ ପ୍ରତ୍ୟାଖ୍ୟାନ କରାଯାଇଥିଲା, ଏବଂ ସର୍ବନିମ୍ନ ଗର୍ତ୍ତକୁ ଯାଇଥିଲେ, ଏବଂ "ସବୁଠାରୁ ମନ୍ଦ ବେଶ୍ୟାମାନଙ୍କ" ନିକଟକୁ ଯାଇଥିଲେ। ତାହାହିଁ ଅଟେ ଯାହାକି ମଣିଷ ତାହାଙ୍କ ପ୍ରତି କରିଥିଲା।

126 ମାତ୍ର ପରମେଶ୍ୱର ତାହାଙ୍କୁ ଏତେ ଉଚ୍ଚକୁ ଉନ୍ନୀତ କରିଥିଲେ ଯେ ତାହାଙ୍କୁ ସ୍ୱର୍ଗକୁ ଦେଖିବା ନିମନ୍ତେ ତଳକୁ ଚାହିଁବାକୁ ପଡିଥିଲା। ମଣିଷ ତାହାଙ୍କୁ ସର୍ବନିମ୍ନ ଆସନ ଦେଇଥିଲା, ତାହାଙ୍କୁ ସବୁଠାରୁ ଖରାପ ସ୍ଥାନ, ସର୍ବନିମ୍ନ ନାମ ପ୍ରଦାନ କରିଥିଲା। ପରମେଶ୍ୱର ତାହାଙ୍କୁ ଉଠାଇଥିଲେ ଏବଂ ତାହାଙ୍କୁ ସର୍ବୋଚ୍ଚ ଆସନ, ଏବଂ ସର୍ବୋଚ୍ଚ ନାମ ପ୍ରଦାନ କରିଥିଲେ। ତାହାହିଁ ପାର୍ଥକ୍ୟ ଅଟେ ଯାହା ମଣିଷ ପରମେଶ୍ୱରଙ୍କ ପୁତ୍ରଙ୍କ ସହିତ କରିଥିଲା, ଏବଂ ଯାହା ପରମେଶ୍ୱର ପରମେଶ୍ୱରଙ୍କ ପୁତ୍ରଙ୍କ ସହିତ କରିଥିଲେ।

127 ସେ ନିମ୍ନସ୍ଥ ହୋଇଗଲେ, ଯେପରିକି ଆମ୍ଭେମାନେ ଉପରକୁ ଉଠା ଯାଇପାରୁ। ସେ ଆମ୍ଭମାନଙ୍କ ପରି ହୋଇଗଲେ, ଯେପରିକି ଆମ୍ଭେମାନେ ତାହାଙ୍କ ଅନୁଗ୍ରହ ଦ୍ୱାରା ତାହାଙ୍କ ପରି ହୋଇପାରୁ। ସେ ଗୃହବିହୀନ ଲୋକମାନଙ୍କ ନିକଟକୁ ଆସିଲେ, ଏବଂ ଗୃହବିହୀନ ହୋଇଗଲେ, ଯେପରିକି ଆମେ ଏକ ଘର ପାଇପାରୁ। ସେ ରୋଗୀମାନଙ୍କ ନିକଟକୁ ଆସି

ନିଜେ ରୋଗୀ ହୋଇପଡିଲେ, ଯେପରିକି ଆମ୍ଭେମାନେ ସୁସ୍ଥ ହୋଇପାରୁ । ସେ ପାପୀମାନଙ୍କ ନିକଟକୁ ଆସିଲେ, "ଏବଂ ନିଜେ ପାପ, ହୋଇଗଲେ," ଯେପରିକି ଆମ୍ଭେମାନେ ଉଦ୍ଧାର କରାଯାଇପାରୁ ।

128 ଆଶ୍ଚର୍ଯ୍ୟର ବିଷୟ ନୁହେଁ ଯେ ସେ ଉନ୍ନତ କରା ଯାଇଥିଲେ । କୌଣସି ଆଶ୍ଚର୍ଯ୍ୟ ନୁହେଁ ଯେ ସେ ତାହା ଅଟନ୍ତି ଯାହା ସେ ଆଜିରାତିରେ ଅଛନ୍ତି । ପରମେଶ୍ୱର ତାହାଙ୍କୁ ଉନ୍ନତ କରିଅଛନ୍ତି, ଏବଂ ସ୍ୱର୍ଗ ଓ ପୃଥିବୀର ସମସ୍ତ ଶକ୍ତି ତାହାଙ୍କୁ ଦିଆଯାଇଅଛି ।

129 ଯେତେବେଳେ ତାଙ୍କର ପାର୍ଥିବ କାର୍ଯ୍ୟ ଏଠାରେ ପୃଥିବୀରେ, ସମାପ୍ତ ହୋଇଗଲା… ସେ ପୃଥିବୀକୁ ଆସିଲେ, ଆଉ ଠିକ ଯେତେବେଳେ ସେ ଆସିଲେ, ପ୍ରଭାତୀ ତାରା ତାହାଙ୍କୁ ପରମେଶ୍ୱରଙ୍କ ପୁତ୍ର ବୋଲି ଘୋଷଣା କଲେ । ସେ ତାଙ୍କ ସଂସ୍ପର୍ଶରେ ଆସିଥିବା ପ୍ରତ୍ୟେକ ଦୁଷ୍ଟାତ୍ମାକୁ ଦୋହଲାଇ ଦେଇଥିଲେ । ପ୍ରଭୁଙ୍କର ନାମ ଧନ୍ୟ ହେଉ । ତାହାଙ୍କ ଉପସ୍ଥିତିରେ, ଦୁଷ୍ଟାତ୍ମାମାନେ ଥର ଥର ହୋଇ କମ୍ପିତ ହୋଇଥିଲେ, ଏବଂ ଦୟାର ଭିକ୍ଷା ମାଗିଥିଲେ । ହଁ, ଆଜ୍ଞା । ସମସ୍ତ ନରକ ଜାଣିଥିଲା ଯେ ସେ କିଏ ଥିଲେ ।

130 ବିନମ୍ର ଭାବରେ ଗମନାଗମନ କରିଥିଲେ, ତାହାଙ୍କ ପାଖରେ ଗୋଟିଏ ବର୍ଷା ରାତିରେ ମୁଣ୍ଡ ଗୁଞ୍ଜିବାକୁ ମଧ୍ୟ ସ୍ଥାନ ନ ଥିଲା । ସେ ସୃଷ୍ଟି କରିଥିବା ସେହି ପଶୁଗଣ, "ଆକାଶର ପକ୍ଷୀମାନଙ୍କର ବସା ଅଛି, ଏବଂ କୋକିଶିଆଳିମାନଙ୍କର ଗହ୍ୱର ଅଛି, ମାତ୍ର ମନୁଷ୍ୟପୁତ୍ରଙ୍କ ପାଖରେ ଆଶୀଷିତ ମୁଣ୍ଡ ଗୁଞ୍ଜିବାକୁ ସୁଦ୍ଧା ସ୍ଥାନ ନାହିଁ ।" ନିଶ୍ଚିତରେ, ସେ ଥିଲେ ।

131 ସେ ପାପ ହୋଇଗଲେ, ନିମ୍ନ ହୋଇଗଲେ ଓ ପରିତ୍ୟକ୍ତ କରାଗଲେ । ମାତ୍ର ଦୁଷ୍ଟାତ୍ମାଗୁଡିକ ଜାଣିଥିଲେ ଯେ ସେ କିଏ ଥିଲେ । ସେମାନେ ଦୟା ପାଇଁ ନିବେଦନ କଲେ । ସେମାନେ କହିଲେ, "ଆମ ସମୟ ଆସିବା ପୂର୍ବରୁ ତୁମେ କାହିଁକି ଆମକୁ ଯନ୍ତ୍ରଣା ଦେବାକୁ ଆସିଅଛ?" ଏବଂ ଯେତେବେଳେକି ପ୍ରଚାରକମାନେ ତାହାଙ୍କୁ, "ବାଆଲ୍‌ଯିବୂଲ୍, କୁହୁକ ବିଦ୍ୟାକାରୀ" ଡାକିଥିଲେ, ଦୁଷ୍ଟାତ୍ମାମାନେ ତାହାଙ୍କୁ, "ଜୀବନ୍ତ ପରମେଶ୍ୱରଙ୍କ ପୁତ୍ର" ବୋଲି ଡାକିଥିଲେ, ଏବଂ ଦୟା ନିମନ୍ତେ ଭିକ୍ଷା ମାଗିଥିଲେ ।

132 ଓଃ, ଆମେମାନେ କିପରି ମାତ୍ର ଗୋଟିଏ ମିନିଟ୍ ପାଇଁ ଅଟକି ଯାଇପାରିବା! ଯାହା ବି ହେଉ, ଆପଣ କିଏ ଅଟନ୍ତି? ଆପଣ କରୁଥିବା ସେହି ଚାକିରିର ଅର୍ଥ କଅଣ? କିମ୍ବା ଆମେ ପାଇଥିବା ସେହି ଛୋଟ ଘରର ଅର୍ଥ କଅଣ? ଆମ ପାଖରେ ଥିବା ସେହି କାରର ଅର୍ଥ କଅଣ?

133 ହେ ସୁନ୍ଦର ସାନ ଝିଅ, ତୁମେ ସାନ କାମୁକ ବିଷୟ, ତୁମଠାରେ ଥିବା ସେହି ସାନ ସୌନ୍ଦର୍ଯ୍ୟ ରୂପର ବର୍ତ୍ତମାନ କି କାମ? ତୁମେ ଯୁବା ଲୋକମାନେ ଏକ ଚମକଦାର, ସୁବ୍ୟବସ୍ଥିତ କେଶ, ସଳଖ କାନ୍ଧ ସହ, ତୁମେ ଦିନେ ନଇଁ ପଡିବ, ଯେତେବେଳେ ବୟସ ସହିତ ବୃଦ୍ଧି ପାଇବ ।

134 ମାତ୍ର, ପ୍ରଭୁ ଧନ୍ୟ ହୁଅନ୍ତୁ! ଆପଣଙ୍କଠାରେ ଏକ ଆତ୍ମା ଅଛି ଯାହାକି ନୂତନ ଜନ୍ମ ହୋଇଅଛି । ଆପଣ ଚିରଦିନ ଏବଂ ସବୁଦିନ ପାଇଁ ଜୀବିତ ରହିବେ, କାରଣ ସେ ଆପଣଙ୍କ

ସ୍ୱରୂପରେ ହୋଇଗଲେ, ଯେପରିକି ଆପଣ ତାହାଙ୍କ ଅନୁଗ୍ରହରେ ତାହାଙ୍କ ସ୍ୱରୂପରେ ହୋଇପାରନ୍ତି, ଏବଂ ଆପଣଙ୍କ ପାଇଁ ଏକ ସ୍ଥାନ ପ୍ରସ୍ତୁତ କରିପାରନ୍ତି ।

135 ଓଃ, ଆମେମାନେ ଯେଉଁମାନେକି ଭାବିଥାଉ ଯେ ଆମ ପାଖରେ ବଦଳାଇବା ହେତୁ ପୋଷାକମାନ ରହିଛି, ଏବଂ ଘରେ କିଛି ଖାଦ୍ୟ ସାମଗ୍ରୀ ଅଛି, ତେବେ ଆମେମାନେ କଅଣ ଅଟୁ? ପରମେଶ୍ୱର ଏହାକୁ ଗୋଟିଏ ସେକେଣ୍ଡରେ ନେଇଯାଇପାରନ୍ତି । ଆପଣଙ୍କର ନିଶ୍ୱାସ ବାୟୁ ଠିକ ତାହାଙ୍କ ହାତରେ ଅଛି । ଏବଂ ସେ ଆମମାନଙ୍କ ଗହଣରେ ଅଛନ୍ତି ଯେପରିକି ରୋଗୀମାନଙ୍କୁ ସୁସ୍ଥ କରନ୍ତି, ପ୍ରଚାର କରନ୍ତି ଏବଂ ଘୋଷଣା କରନ୍ତି, ଏବଂ ଭବିଷ୍ୟତ୍‌ବାଣୀ କରନ୍ତି, ଏବଂ ପ୍ରତ୍ୟେକ ଥର ତାହା ସିଦ୍ଧ ଅଟେ । ଏବଂ ଏତେ ଚିନ୍ତିତ ଅଟନ୍ତି ଯେ ଆମ ମଧ୍ୟରେ, ଏକ ଛୋଟ ମୃତ ମାଛକୁ, ପୁନର୍ବାର ତାର ଜୀବନକୁ ଫେରାଇ ଆଣନ୍ତି । ଯିହୋବା ଆମ୍ଭମାନଙ୍କ ଚତୁର୍ଦ୍ଦିଗରେ, ଯିହୋବା ଆମ୍ଭମାନଙ୍କ ଭିତରେ, ସେହି ମହାନ ଏବଂ ସର୍ବଶକ୍ତିମାନ **ମୁଁ ଅଟେ ।**

136 ଯେତେବେଳେ ସେ ମୃତ୍ୟୁବରଣ କଲେ, ସେମାନେ ଭାବିଲେ ଯେ ସେମାନେ ତାହାଙ୍କୁ ପାଇଗଲେ । ସେ ନରକକୁ ଓହ୍ଲାଇ ଗଲେ । ଯେତେବେଳେ ସେଦିନ ତାହାଙ୍କୁ କ୍ରୁଶାର୍ପିତ କରାଗଲା ସେହି ସମୟରେ ସେ ପୃଥିବୀ ଛାଡି ଚାଲି ଯାଇଥିଲେ, ସେ ବିନଷ୍ଟ ହୋଇଥିବା ଅଞ୍ଚଳକୁ ଯାଇଥିଲେ । ବାଇବଲ କୁହେ, "ସେ ଯାଇ କାରାଗାରରେ ଥିବା ବନ୍ଦୀ ପ୍ରାଣଗୁଡିକୁ ପ୍ରଚାର କଲେ, ଯେଉଁମାନେକି ନୋହଙ୍କ ସମୟରେ, ଦୀର୍ଘସହିଷ୍ଣୁତାର ଦିନରେ ମନ ଫେରଣ କରି ନ ଥିଲେ ।" ଯେତେବେଳେ ସେ ମରିଗଲେ ଏବଂ ତାହାଙ୍କ ଆତ୍ମା ତାଙ୍କୁ ଛାଡି ଦେଇଗଲା, ସେ ପୁନର୍ବାର ଲୋଗୋସ୍ ହୋଇଗଲେ । ସେ, ମୁଁ ଦେଖୁଛି, କହିଲେ, "ମୁଁ ପରମେଶ୍ୱରଙ୍କଠାରୁ ଆସିଅଛି । ମୁଁ ପରମେଶ୍ୱରଙ୍କ ନିକଟକୁ ଫେରିଯାଏ ।"

137 ଏବଂ ପରମେଶ୍ୱର ସେହି ଅଗ୍ନିସ୍ତମ୍ଭ ଥିଲେ ଯିଏକି ସନ୍ତାନମାନଙ୍କୁ ପ୍ରାନ୍ତରରେ କଢାଇ ନେଇଥିଲେ । ଏବଂ ଯେତେବେଳେ ସେ ପୃଥିବୀରେ ଥିଲେ...ଏବଂ ଯେତେବେଳେ ସେ ମୃତ୍ୟୁବରଣ କଲେ, ସେ ପୁନର୍ବାର ଏକ ଜ୍ୟୋତିକୁ ଫେରିଗଲେ । ପାଉଲ ତାହାଙ୍କୁ ଦେଖିଥିଲେ, ଏବଂ ସେ ଜଣେ ଜ୍ୟୋତି ଥିଲେ । ସେମାନଙ୍କ ମଧ୍ୟରୁ ଆଉ କେହି ତାହାଙ୍କୁ ଦେଖିଲେ ନାହିଁ । ସେମାନେ ପାଉଲଙ୍କର ପଡି ଯାଉଥିବାର ଦେଖିଥିଲେ । କିଛି ଗୋଟାଏ ତାହାଙ୍କୁ ଆଘାତ କରିଥିଲା, ଏବଂ ତାହା ଏକ ଜ୍ୟୋତି ଥିଲା । ପାଉଲ କହିଲେ, "ଏହା କିଏ ଯାହାକୁ ମୁଁ ତାଡ଼ନା କରୁଅଛି?"

138 ସେ କହିଲେ, "ଶାଉଲ, ଶାଉଲ, ତୁମ୍ଭେ ମୋତେ କାହିଁକି ତାଡ଼ନା କରୁଅଛ?"

କହିଲେ, "ଏହା କିଏ?"

139 ସେ କହିଲେ, "ମୁଁ ଯୀଶୁ, ଯାହାକୁ ତୁମେ ତାଡ଼ନା କରୁଅଛ, ଏବଂ ତୁମ ପାଇଁ କଣ୍ଟକ ବିରୁଦ୍ଧରେ ଗୋଇଠା ମାରିବା କଷ୍ଟକର ଅଟେ ।"

140 ତାହାପରେ ସେ ଯାଇ ସେହି ଜ୍ୟୋତି ବିଷୟରେ ଅଧ୍ୟୟନ କଲେ । ସେହି ଜ୍ୟୋତି କଅଣ ତାହା ଜାଣିବା ପାଇଁ, ପାଉଲ ବାଇବଲ ନିକଟକୁ ଫେରିଗଲେ । ଏବଂ ସେ ଏହି ଚିଠିକୁ

ଲେଖିଥିଲେ। ସେ ତ ସେହି ସମାନ ଯିହୋବା ଅଟନ୍ତି। ସେହି ସମାନ ଜ୍ୟୋତି ହିଁ ଇସ୍ରାଏଲର ସନ୍ତାନଗଣଙ୍କ ସହିତ ପ୍ରାନ୍ତରରେ ରହିଥିଲେ। ଏବଂ ଯେତେବେଳେ ପିତର କାରାଗାରରେ ଥିଲେ, ସେତେବେଳେ ସେ ଏକ ଜ୍ୟୋତି ଥିଲେ ଯାହାକି ଭିତରକୁ ଆସି ସେହି ଦ୍ୱାରଗୁଡିକୁ ଫିଟାଇଥିଲା।

141 ଏବଂ ତାହାଙ୍କର ଅନୁଗ୍ରହ ଦ୍ୱାରା, ଯେପରିକି କାହାରି ପାଖରେ କୌଣସି ବାହାନା ରହିବ ନାହିଁ...ଓଃ, ଯଦି ସେମାନେ ଅଶିକ୍ଷିତ ଦୂତମାନଙ୍କୁ ଭୁଲି ଯାଇପାରନ୍ତି, ଏବଂ ମନେରଖନ୍ତୁ: ଏହା ବାର୍ତ୍ତାବହ ନୁହେଁ, ଏହା ତ ହେଉଛି ବାର୍ତ୍ତା। ସେ ପୁଣିଥରେ, ଆମ ସହିତ, ଏକ ଅଗ୍ନିସ୍ତମ୍ଭ ରୂପରେ ଓହ୍ଲାଇ ଆସିଛନ୍ତି। ଏବଂ ସେ ନିଜର ସେହି ସମାନ ଆଶ୍ଚର୍ଯ୍ୟକର୍ମ ଏବଂ ଚିହ୍ନ ସହିତ ଗତି କରୁଛନ୍ତି, କୌଣସି ବି ବିଷୟ ବାଇବଲ ବାହାରୁ ନାହିଁ; ଠିକ ବାଇବଲ ସହିତରେ ରହି, ଏହାକୁ ଅଧୀନରେ ରଖିଅଛନ୍ତି, ତାହାଙ୍କର ମହିମାକୁ ନେଇକରି ଆସୁଛନ୍ତି, ତାହାଙ୍କର ଶକ୍ତିକୁ ପ୍ରଦର୍ଶନ କରିଅଛନ୍ତି। ତାହାଙ୍କର ପବିତ୍ର ନାମକୁ ଧନ୍ୟ ହେଉ!

142 ମୁଁ ଜାଣେ ଯେ ଆପଣ ନିଶ୍ଚୟ ଭାବୁଥିବେ ଯେ ମୁଁ ପାଗଳ ହୋଇଯାଇଛି; ମାତ୍ର, ଓଃ, ସେହି ଆଶୀଷିତ ଅନନ୍ତ ବିଶ୍ରାମ ଯାହା ମୋ ପ୍ରାଣରେ ଅଛି, ଯଦିଓ ଝଡ ତୋଫାନ ଆସିପାରେ, ମୋର ଲଙ୍ଗର ସେହି ଆବରଣ ଭିତରେ ଧରି ରହିଅଛି।

143 ଏବଂ ତାହାଙ୍କୁ ସେତେବେଳେ ଦେଖିବା ଯେତେବେଳେକି ସେ ମୃତ୍ୟୁବରଣ କରିଥିଲେ, ଏପରିକି, ଚନ୍ଦ୍ର ମଧ୍ୟ ଅଧୀର ହୋଇ ଯାଇଥିଲା। ସୂର୍ଯ୍ୟ ଦିନର ମଧ୍ୟଭାଗରେ ଅସ୍ତ ହୋଇ ଯାଇଥିଲା। ଏବଂ ଯେତେବେଳେ ସେ ବିନଷ୍ଟ ହୋଇଥିବା ଅଞ୍ଚଳକୁ ଗଲେ, [ଭାଇ ବ୍ରାନହାମ୍ ପ୍ରଚାର ମଞ୍ଚ ଉପରେ ଠକ ଠକ ଶବ୍ଦ କରନ୍ତି—ସମ୍ପା।] ଦ୍ୱାରକୁ ଆଘାତ କଲେ, ଏବଂ ଦ୍ୱାର ଖୋଲି ଗଲା। ବାଇବଲ କୁହେ, "ସେ କାରାଗାରରେ ଥିବା ବନ୍ଦୀ ପ୍ରାଣଗୁଡିକୁ ପ୍ରଚାର କରିଥିଲେ, ଯେଉଁମାନେକି ନୋହଙ୍କ ଦୀର୍ଘସହିଷ୍ଣୁତାର ଦିନରେ ମନଫେରଣ କରି ନ ଥିଲେ," ସେ ଏହି ପୃଥିବୀରେ ମରିଯାଇଥିବା ପରେ। ମୋ ଭାଇ, ମୋ ଭଉଣୀ, ଯେତେବେଳେ ସେ ମୃତ୍ୟୁବରଣ କଲେ, ତାଙ୍କର ପାର୍ଥିବ କାର୍ଯ୍ୟ ସରି ଯାଇଥିଲା, ମାତ୍ର ସେ ତଥାପି କାମ କରୁଥିଲେ। ଏବଂ ସେ ଆଜି ରାତି ମଧ୍ୟ କାର୍ଯ୍ୟରତ ଅଛନ୍ତି। ଆମେନ୍।

144 ସେ ବିନଷ୍ଟ ହୋଇଥିବା ଲୋକମାନଙ୍କ ଦ୍ୱାରରେ ଆଘାତ କଲେ। ବାଇବଲ କୁହେ ଯେ ସେ କରିଥିଲେ। ଏବଂ ସେ ସାକ୍ଷ୍ୟ ଦେଲେ, "ମୁଁ ସେହି ନାରୀର ବୀଜ ଅଟେ। ମୁଁ ହିଁ ସେହି ଅଟେ ଯାହା ବିଷୟରେ ଆଦମ କହିଥିଲେ। ମୁଁ ହିଁ ସେହି ଜଣକ ଯାହା ବିଷୟରେ ହନୋକ କହିଥିଲେ ଯେ ସେ ତାହାଙ୍କର ଦଶ ହଜାର ସାଧୁଗଣଙ୍କ ସହିତ ଆଗମନ କରିବେ। ମୁଁ ଜୀବନ୍ତ ପରମେଶ୍ୱରଙ୍କ ପୁତ୍ର ଅଟେ, ଏବଂ ତୁମେ ତୁମର ଅନୁଗ୍ରହର ଦିନକୁ ହେୟଜ୍ଞାନ କରିଅଛ। ମାତ୍ର ଏହା ତୁମମାନଙ୍କ ଠାରେ, ଦୂତମାନଙ୍କ ଦ୍ୱାରା, ହନୋକ, ନୋହଙ୍କ ଦ୍ୱାରା ଭବିଷ୍ୟତ୍‌ବାଣୀ କରାଯାଇଥିଲା, ଯେ ମୋତେ ପରମେଶ୍ୱରଙ୍କ ବାଇବଲର ପ୍ରତ୍ୟେକ ବାକ୍ୟକୁ ପୂରଣ କରିବା ନିମାନତେ ଆସିବାକୁ ଅଛି। ମୁଁ ଏଠାରେ ଏହି 'ବିନଷ୍ଟ ହୋଇଥିବା ଦେଶ' ରେ ଏକ

ସାକ୍ଷ୍ୟସ୍ୱରୂପେ ଅଟେ । ଏବଂ ସେ ସେମାନଙ୍କୁ ପ୍ରଚାର କରିଥିଲେ ।

ସେ ତଳେ ନରକକୁ ଓହ୍ଲାଇ ଯାଇଥିଲେ, ଠିକ ନରକର ଦ୍ୱାର ପର୍ଯ୍ୟନ୍ତ ଗଲେ, ଓ ଦ୍ୱାର ଆଘାତ କଲେ । ସେହି ଶୟତାନ ଦ୍ୱାର ଖୋଲି, କହିଲା, "ମୁଁ ବର୍ତ୍ତମାନ ତୁମକୁ ପାଇ ଗଲି ।"

145 ତାର ପାର୍ଶ୍ୱରୁ ଚାବିକାଠି ଟାଣି କରି, କହିଲେ, "ହେ ଶୟତାନ, ଦୀର୍ଘ ସମୟ ଧରି ତୁ ଏହି ଭଣ୍ଡ ବିଷୟକୁ ଧରି ରଖିଛୁ ।" ଏଠାରେ ତାହା ଅଟେ, ଠିକ ଏଠାରେ ଏହି ବାଇବଲରେ । ମୁଁ ଗୋଟିଏ ମିନିଟରେ ଏହା ପାଖକୁ ଯିବେ । "ତୁ ଦୀର୍ଘ ସମୟ ଧରି ଭଣ୍ଡ ବିଷୟକୁ ଧରି ରଖିଛୁ, ମାତ୍ର ମୁଁ ଅଧିକାର କରିବାକୁ ଆସିଅଛି ।" ସେହି ଚାବିକାଠିକୁ ନେଇ ତାକୁ ପଛକୁ ଗୋଇଠା ମାରିଲେ, ଓ ଦ୍ୱାର ବନ୍ଦ କରି ଦେଲେ ।

ଆଗକୁ ବଢିଲେ ଏବଂ ଅବ୍ରହାମ, ଇସ୍‌ହାକ, ଏବଂ ଯାକୁବଙ୍କୁ ନେଇ ଉପରକୁ ଗଲେ । ତୃତୀୟ ଦିନ ସେ ଉଠିଲେ, ଏବଂ କବରରେ ଶୋଇଥିବା ସେହି ଲୋକମାନେ ତାହାଙ୍କ ସହିତ ଉଠିଲେ । ଓଃ, ହାଲ୍ଲେଲୁୟା! କୌଣସି ଆଶ୍ଚର୍ଯ୍ୟର ବିଷୟ ନୁହେଁ ଯେ ସେହି କବି କହିଲେ:

> ଜୀବିତ ରହି, ସେ ମୋତେ ପ୍ରେମ କଲେ; ମୃତ ହୋଇ, ସେ ମୋତେ ଉଦ୍ଧାର କଲେ;
> କବରପ୍ରାପ୍ତ ହୋଇ, ସେ ମୋର ପାପକୁ ବହୁ ଦୂରକୁ ନେଇଗଲେ;
> ଉତ୍ଥାପିତ ହୋଇ, ସେ ସବୁଦିନ ପାଇଁ ଉନ୍ମୁକ୍ତ ଭାବରେ ଧାର୍ମିକ ଗଣନା କଲେ:
> କୌଣସି ଦିନ ସେ ଆସୁଛନ୍ତି—ଓଃ, ଗୌରବମୟ ଦିନ ।

146 ଧନ୍ୟ ସେହି ବନ୍ଧନ ଯାହାକି ଆମମାନଙ୍କର ହୃଦୟଗୁଡିକୁ ଖ୍ରୀଷ୍ଟିଆନ ସହଭାଗୀତାରେ, ପରମେଶ୍ୱରଙ୍କ ପ୍ରେମରେ ବାନ୍ଧି ଦେଇଥାଏ । ଯେତେବେଳେ ସେ ଉତ୍ଥିତ ହେଲେ, ସେପର୍ଯ୍ୟନ୍ତ ସେ, ସମାପ୍ତ ହୋଇ ନ ଥିଲେ । ତାଙ୍କ ପାଖରେ ଆଉ କିଛି କରିବା ପାଇଁ କାମ ଥିଲା ।

147 ବାଇବଲ କୁହେ, "ସେ ଉଚ୍ଚକୁ ଯାଇ ମନୁଷ୍ୟମାନଙ୍କୁ ଉପହାର ଦେଲେ ।" ସେଠାରେ ପୃଥିବୀ ଉପରେ, ଅନ୍ଧକାର, ବିଷାଦ, ମୃତ୍ୟୁ, ଏବଂ କ୍ଲାନ୍ତର ଏକ ପରିବେଶ ଝୁଲି ରହିଥିଲା । ପ୍ରାର୍ଥନା ଉପରକୁ ଆସିପାରୁ ନ ଥିଲା ନାହିଁ, କାରଣ ପ୍ରାୟଶ୍ଚିତ କରାଯାଇ ନ ଥିଲା । ମାତ୍ର, ସେ ସେହି ଆବରଣକୁ ଭାଙ୍ଗି ଦେଇଥିଲେ । ସେ ସେହି ରାସ୍ତାକୁ ଖୋଲି ଦେଇଥିଲେ । ସେ ରୋଗର ଆବରଣକୁ ଭାଙ୍ଗି ଦେଇଥିଲେ । ସେ ପାପର ଆବରଣକୁ ଭାଙ୍ଗି ଦେଇଥିଲେ । ସେ କ୍ଲାନ୍ତର ଆବରଣକୁ ଭାଙ୍ଗି ଦେଇଥିଲେ । ସେ ଉଦାସୀନତାର ଆବରଣକୁ ଭାଙ୍ଗି ଦେଇଥିଲେ । ସେ ପ୍ରତ୍ୟେକ ଆବରଣକୁ ଭାଙ୍ଗି ଦେଇଥିଲେ, ଏବଂ ରାଜାଙ୍କ ରାଜପଥ ଦେଇ ଯାଉଥିବା ବେଳେ, ପଥଚାରୀଙ୍କ ପାଇଁ ଏକ ରାଜପଥ ପ୍ରସ୍ତୁତ କରିଥିଲେ । ଓଃ, ମୋର ପ୍ରଭୁ, ଯେତେବେଳେ ସେ ଚନ୍ଦ୍ର ଏବଂ ତାରାଗୁଡ଼ିକୁ ଅତିକ୍ରମ କରି, ଚାଲିଲେ ଏବଂ ଚାଲିଲେ!

148 ତାହାଙ୍କ ପଛରେ, ପୁରାତନ ନିୟମର ସାଧୁଗଣ, ଅବ୍ରହାମ, ଇସ୍‌ହାକ, ଏବଂ ଯାକୁବ, ଆସିଥିଲେ । ସେମାନେ ଠିକ୍ ସ୍ୱର୍ଗର ସ୍ୱର୍ଗ ମଧ୍ୟକୁ ଚାଲି ଗଲେ । ଯେତେବେଳେ ସେମାନେ

ସେହି ନଗରଠାରୁ ଦୂରରେ ଥିଲେ, ମୁଁ ଦେଖିପାରୁଛି ଯେ ସେମାନେ ନିଜର ଆଖିକୁ ଉଠାଇଥିଲେ। ଅବ୍ରହାମ କହିଲେ, "ତାହାହିଁ ସେହି ନଗର ଯାହାକୁ ମୁଁ ଦେଖିବାକୁ ଇଚ୍ଛା କରିଥିଲି। ଓଃ, ହେ ଇସ୍‌ହାକ, ଏଠାକୁ ଆସ। ଯାକୁବ, ଏଠାକୁ ଆସ। ଓଃ, ଆମେମାନେ ତ ପୃଥିବୀର ତୀର୍ଥଯାତ୍ରୀ ଏବଂ ପରଦେଶୀ ଥିଲୁ, ମାତ୍ର ସେଠାରେ ସେହି ନଗର ଅଛି। ସେଠାରେ ସେହି ଜଣକ ଅଛନ୍ତି ଯାହାର ଆମେମାନେ ଅପେକ୍ଷା କରିଅଛୁ।"

149 ଏବଂ ବାଇବଲ କୁହେ ଯେ ସେମାନେ ଚିତ୍କାର କରିଥିଲେ, "ହେ ଚିରସ୍ଥାୟୀ ଫାଟକ, ଟେକି ହୁଅ, ଏବଂ ଆପଣା ମସ୍ତକ ଟେକ, କାରଣ ଗୌରବମୟ ରାଜା ଆସୁଅଛନ୍ତି।"

150 ଏବଂ ଫାଟକ ପଛରେ ଥିବା ସ୍ୱର୍ଗଦୂତମାନେ ପୁନର୍ବାର ଏଠାରେ ଥିବା ଏହି ଦୂତମାନଙ୍କୁ ଚିତ୍କାର କଲେ, ଏବଂ କହିଲେ, "ଏହି ଗୌରବମୟ ରାଜା କିଏ?"

151 ଏବଂ ଏଠାରେ ଥିବା ଏହି ଦୂତମାନନେ, ସେହି ଭବିଷ୍ୟଦ୍‌ବକ୍ତାମାନେ, କହିଲେ, " ସୈନ୍ୟାଧିପତି ସଦାପ୍ରଭୁ, ଯୁଦ୍ଧରେ ପରାକ୍ରମୀ।"

152 ଏବଂ ସେମାନେ ବଟନ୍ ଟିପି ଦେଲେ ଏବଂ ସେହି ବଡ କବାଟ ଖୋଲିଗଲା। ସେହି ମାର୍ଗର ମଧ୍ୟସ୍ଥଳରେ ସେ ଠିକ ଚାଲିକରି ଆସିଲେ, ସେହି ବିଜେତା, ବିଜୟୀ ହୋଇ, ପୁରାତନ ନିୟମର ସାଧୁଗଣ ତାହାଙ୍କ ପଛରେ ଚାଲୁଥିବା ସହିତ ସେ ଆସିଲେ। ସିଂହାସନ ଉପରେ ଉପବେଶନ କରି, କହିଲେ, "ପିତା, ସେମାନେ ଏଠାରେ ଅଛନ୍ତି। ସେମାନେ ତୁମର ଅଟନ୍ତି।"

153 ସେ କହିଲେ, "ଏଠାରେ ଉପରକୁ ଉଠି ଆସ, ଏବଂ ବିରାଜମାନ ହୁଅ, ଯେପର୍ଯ୍ୟନ୍ତକି ମୁଁ ତୁମର ସମସ୍ତ ଶତ୍ରୁମାନଙ୍କୁ ତୁମର ପାଦତଳେ ନ କରି ଦିଏ।" ଯେପରିକି ଆମେମାନେ ପାଠ କରୁ, ଆମେ ତାକୁ ଏଠାରେ ଧର୍ମଶାସ୍ତ୍ରରେ ପାଉ। ଠିକ୍ ଅଛି।

154 ଶୁଣନ୍ତୁ। ବର୍ତ୍ତମାନ ଆମେ ଯେ ଏହି ୮ମ ପଦରେ ଅଛୁ:

> ତାହାପରେ ତୁମ୍ଭେ *ତାହାର ପାଦ ତଳେ ସମସ୍ତ ବିଷୟ ଅଧୀନ କରି ରଖିଅଛ। ପ୍ରକୃତରେ...ସେ ସମସ୍ତ* ବିଷୟକୁ *ତାହାର* ବଶୀଭୂତ କରିବାରେ, *କୌଣସି ବିଷୟକୁ ତାହାର ଅବଶୀଭୂତ କରି...ଛାଡ଼ି ନାହାଁନ୍ତି। ଆମ୍ଭେମାନେ ଏପର୍ଯ୍ୟନ୍ତ ସମସ୍ତ ବିଷୟ...ତାହାର ବଶୀଭୂତ ହୋଇଥିବାର ଦେଖୁ ନାହୁଁ।*

ତାହା ହେଉଛି, ମୃତ୍ୟୁ। ଆମେମାନେ ଏପର୍ଯ୍ୟନ୍ତ, ମୃତ୍ୟୁକୁ ଦେଖୁନାହୁଁ, କାରଣ ଆମେମାନେ ଏବେ ସୁଦ୍ଧା ମରୁଅଛୁ। ଆମେ ମୃତ୍ୟୁକୁ ଦେଖୁଅଛୁ।

ମାତ୍ର, ୨ମ ପଦ, "ମାତ୍ର ଆମେ ଯୀଶୁଙ୍କୁ ଦେଖୁଅଛୁ!" ଆମେନ୍। ଶୁଣନ୍ତୁ।

> *...କିନ୍ତୁ ଦୂତମାନଙ୍କ ଅପେକ୍ଷା ସେ ଅଳ୍ପ ସମୟ ନ୍ୟୁନୀକୃତ ହୋଇଥିଲେ, ତାହାଙ୍କ ଅର୍ଥାତ୍ ଯୀଶୁଙ୍କୁ ମୃତ୍ୟୁର ଦୁଃଖଭୋଗ ହେତୁ, ଗୌରବ ଓ ସମ୍ଭ୍ରମରୂପ*

*ମୁକୁଟ ପରିଧାନ କରିଥିବାର ଦେଖୁଅଛୁ; ଯେପରିକି ପରମେଶ୍ୱରଙ୍କ ଅନୁଗ୍ରହରେ ପ୍ରତ୍ୟେକ ମନୁଷ୍ୟ ନିମନ୍ତେ ସେ ମୃତ୍ୟୁ ଆସ୍ୱାଦନ କରନ୍ତି ।*

ସେ କାହିଁକି ଦୂତମାନଙ୍କଠାରୁ ନ୍ୟୂନୀକୃତ କରା ଗଲେ? ଯେପରିକି ସେ ମୃତ୍ୟୁକୁ ଆସ୍ୱାଦନ କରିପାରନ୍ତି । ତାଙ୍କୁ ମରିବାକୁ ଥିଲା । ତାଙ୍କୁ ମରିବା ହେତୁ, ଆସିବାକୁ ଥିଲା ।

155 ବନ୍ଧୁ, ଏଠାରେ ଦେଖନ୍ତୁ । ଭୁଲନ୍ତୁ ନାହିଁ, ଏହାକୁ କେବେବି ଭୁଲନ୍ତୁ ନାହିଁ । ଯେତେବେଳେ ଯୀଶୁ ଯାଉଥିଲେ, ପାହାଡ ଉପରକୁ ଯାଉଥିଲେ, ତାଙ୍କ ମୁଣ୍ଡର ଆଖପାଖରେ ମୃତ୍ୟୁ ଗୁଜବ କରୁଥିଲା ।

156 ଆସନ୍ତୁ ଆମେ ଆମର ଚିତ୍ରକୁ, ଦୁଇ ହଜାର ବର୍ଷ ପୂର୍ବେ ଯିରୁଶାଲମକୁ ନେଇଯିବା । ଏବଂ ଆପଣ ଏହାକୁ କିପରି ପ୍ରତ୍ୟାଖ୍ୟାନ କରିପାରନ୍ତି? ମୁଁ ରାସ୍ତା ଦେଇ ଏକ ଶବ୍ଦ ଆସୁଥିବାର ଶୁଣୁଅଛି । ଏହା କଅଣ ଅଟେ? ଏହା କୌଣସି ଜିନିଷର ବାଡେଇ ହେଉଥିବା ଅଟେ । ଏହା ଏକ ପୁରାତନ ଜର୍ଜର କ୍ରୁସ, ଦମ୍ମେସକର ଫାଟକ ବାହାରେ, ସେହି ବଡ଼ ଚିକ୍କଣୀଆ କଳା ପଥରଗୁଡିକ ଉପରେ ବାଡ଼େଇ ହୋଇ ତଳକୁ ଆସୁଅଛି । ସେହି ବଡ଼ କଳା ପଥରଗୁଡିକ ଏବେ ବି ସେଠାରେ ଅଛି । ଏହି ବଡ କଳା ପଥରଗୁଡିକ ଉପରେ ବାଡ଼େଇ ହୋଇ, ଝୁଣ୍ଟି-ପଡୁଅଛି । ମୁଁ ରାସ୍ତା ଉପରେ ରକ୍ତଟୋପା ଛିଞ୍ଚିଥିବାର ଦେଖୁଅଛି । ଏହା କଅଣ ଅଟେ? ଏହା ଜଣେ ମଣିଷ ଯିଏକି କୌଣସି କ୍ଷତି କରି ନ ଥିଲେ; ଭଲ ଛଡା ଆଉ କିଛି କରି ନ ଥିଲେ । ସେହି ଲୋକମାନେ ଅନ୍ଧ ଥିଲେ । ସେମାନେ ତାହାଙ୍କୁ ଜାଣି ନ ଥିଲେ । ସେମାନେ ତାହାଙ୍କୁ ଚିହ୍ନି ନ ଥିଲେ ।

ଆପଣ କୁହନ୍ତି, "ଅନ୍ଧ? କଅଣ ସେମାନେ ସେମାନଙ୍କର ଦୃଷ୍ଟି ଫେରିପାଇବେ କି?"

157 ଆପଣ ନିଜର ଦୃଷ୍ଟି ରଖିଥାଇ ତଥାପି ଅନ୍ଧ ହୋଇପାରନ୍ତି । କଅଣ ଆପଣ ତାହା ବିଶ୍ୱାସ କରନ୍ତି କି? ବାଇବଲ ଏହିପରି ହିଁ କୁହେ । ଦୋଥାନରେ ଇଲୀଶାୟଙ୍କୁ ମନେ ଅଛି କି? ସେ ବାହାରକୁ ଯାଇ ଲୋକମାନଙ୍କୁ ଅନ୍ଧତାରେ ଆଘାତ କରି ଦେଇଥିଲେ, ଓ କହିଥିଲେ, "ବର୍ତ୍ତମାନ ମୋତେ ଅନୁସରଣ କର ।" ସେମାନେ ତାହାଙ୍କ ପ୍ରତି ଅନ୍ଧ ଥିଲେ ।

158 ଏବଂ ଆଜି ରାତି ଲୋକମାନେ ଅନ୍ଧ ଅଟନ୍ତି । ଏକ ନିର୍ଦ୍ଦିଷ୍ଟ ମଣ୍ଡଳୀ ଯିଏକି ଈଶ୍ୱରୀୟ ଆରୋଗ୍ୟତାରେ ବିଶ୍ୱାସ କରନ୍ତି ନାହିଁ, ଥରେ ମୋ ପାଖକୁ ଆସି, କହିଲେ, "ମୋତେ ଅନ୍ଧ କରି ଦିଅ । ମୋତେ ଅନ୍ଧ କରି ଦିଅ ।" ଏହା ଭାଇ ରାଇଟ୍ ଙ୍କ ଘରେ ଥିଲା । କହିଲେ, "ମୋତେ ଅନ୍ଧ କରି ଦିଅ ।" କହିଲେ, "ପାଉଲ ଥରେ ଜଣେ ବ୍ୟକ୍ତିଙ୍କୁ, ଅନ୍ଧ କରି ଦେଇଥିଲେ ।" କହିଲେ, "ମୋତେ ଅନ୍ଧ କରି ଦିଅ ।"

159 ମୁଁ କହିଲି, "ବନ୍ଧୁ, ଶୟତାନ ତ ଏହା ଆଗରୁ କରିସାରିଛି । ଆପଣ ତ ଆଗରୁ ଅନ୍ଧ ଅଛନ୍ତି । ନିଶ୍ଚିତରେ, ଆପଣ ଅଟନ୍ତି ।"

160 ସେ କହିଲେ, "ଏହି ଛୋଟ ଝିଅକୁ ସୁସ୍ଥ କରି ଦିଅନ୍ତୁ ଏବଂ ମୁଁ ଆପଣଙ୍କୁ ବିଶ୍ୱାସ କରିବି ।"

161 ମୁଁ କହିଲି, "ସେହି ପାପୀକୁ ଉଦ୍ଧାର କର ଏବଂ ମୁଁ ଆପଣଙ୍କୁ ବିଶ୍ୱାସ କରିବି।" ନିଶ୍ଚିତ ଭାବରେ।

162 "ଓଃ," ସେ କହିଲେ, "ତାଙ୍କୁ ବିଶ୍ୱାସ କରିବାକୁ ହେବ।"

163 ମୁଁ କହିଲି, "ଏଠାରେ ସେହି ସମାନ କଥା, ଏହାକୁ ତ ପରମେଶ୍ୱରଙ୍କ ସାର୍ବଭୌମ ଅନୁଗ୍ରହ ଜରିଆରେ ହିଁ ଆସିବାକୁ ହେବ।"

164 ସେହି ଶୟତାନ, ଏହି ଜଗତର ସେହି—ସେହି ଈଶ୍ୱର, ଲୋକମାନଙ୍କର ଚକ୍ଷୁକୁ ଅନ୍ଧ କରି ଦେଇଅଛି। "ସେମାନଙ୍କର ଆଖିଗୁଡିକ ଅଛି ମାତ୍ର ସେମାନେ ଦେଖିପାରନ୍ତି ନାହିଁ," ବାଇବଲ କୁହେ।

165 ଏଠାରେ ସେ, ମାର୍ଗରେ ଉପରକୁ ଯାଉଥିଲେ, ଏବଂ ସେହି ରକ୍ତାକ୍ତ ପଦଚିହ୍ନଗୁଡିକୁ ରାସ୍ତା ଉପରେ ଘୋଷାଡି ଯାଉଥିଲେ। ମୃତ୍ୟୁର *ମହୁମାଛି* ତାହାଙ୍କ ଚାରିପାଖରେ ଗୁଜବ କରି, ତାଙ୍କ ଉପରେ ନାହୁଡ ମାରୁଥିଲା, "ଅଳ୍ପ କିଛି ସମୟ ଏବଂ ମୁଁ ତୋତେ ମାରି ପକାଇବି।" ସେ ପାଣି ପାଇଁ ତୃଶାର୍ତ୍ତ ହୋଇ, ଦୁର୍ବଳ ହୋଇ ଯାଉଥିଲେ।

166 ଥରେ ମୋତେ ଗୁଳି ବାଜିଥିଲା, ଏବଂ ମୁଁ ଏଠାରେ ସେହି କ୍ଷେତରେ ପଡ଼ି ରହିଥିଲି, ମୋ ଠାରୁ ରକ୍ତ ବହି ଯାଉଥିଲା। ମୁଁ ପାଣି ପାଇଁ ଚିତ୍କାର କରୁଥିଲି। ଏବଂ ମୋର ସାଙ୍ଗ ଦୌଡ଼ିଗଲା, ତାର ଟୋପି ନେଇ ପାଣିରେ ପୂରାଇ ଆଣିଲା; ପୁରୁଣା ସ୍ଥିର, ପୋକମାନେ ପାଣିରେ ଭାସୁଥିଲେ। ଆସିଲା, ଆଉ ମୁଁ ମୋର ମୁହଁ ଖୋଲି ରଖିଥିଲି; ସେ ତାହା ଚିପି ଦେଲା। କାରଣ, ସେହି ରକ୍ତ ଝରଣା ପରି ବହି ଯାଉଥିଲା, ଯେଉଁଠାରେ ମୋତେ ବନ୍ଧୁକର ଗୁଳି ବାଜିଥିଲା। ତୃଷିତ ଥିଲି!

167 ତାହାପରେ ମୁଁ ଜାଣି ପାରିଲି ଯେ ମୋର ପ୍ରଭୁ କିପରି ଅନୁଭବ କରିଥିବେ, ସେହି ଦିନ ସକାଳ ସାରା ରକ୍ତସ୍ରାବ ହେବା ପରେ, ନଅଟାରୁ ନେଇ ସନ୍ଧ୍ୟା ତିନି ଘଟିକା ପର୍ଯ୍ୟନ୍ତ, ସେହି ସମସ୍ତ ରକ୍ତ ହରାଇବା ପରେ। ମୁଁ ପ୍ରଥମେ, ତାଙ୍କ ପୋଷାକକୁ ଦେଖିଲି, ଏହା ଉପରେ ଛୋଟ ଛୋଟ ଦାଗ ପରିକା ଥିଲା। ଏବଂ ସେହି ଦାଗଗୁଡ଼ିକ ସବୁ ଧିରେ ଧିରେ ବଡ଼ ହେବାକୁ ଲାଗିଲା ଏବଂ ଏକାଠି ମିଶିଗଲା, ଗୋଟିଏ ବଡ ରକ୍ତର ଛାପ ଦାଗ ପରି ହୋଇଗଲା, ସେ ଚାଲୁଥିବା ବେଳେ ତାଙ୍କୁ ଗୋଡରେ ଆଘାତ କରିଥିଲା। ତାହା ଇମ୍ମାନୁୟେଲ୍‌ଙ୍କ ରକ୍ତ ଥିଲା। ଓଃ, ପୃଥିବୀ ଏହାର ଯୋଗ୍ୟ ନ ଥିଲା।

168 କିନ୍ତୁ ଯେତେବେଳେ ସେ ଉପରକୁ ଯାଉଥିଲେ, ଏହି *ମହୁମାଛି*ଟି ତାହାଙ୍କ ଚାରିପାଖରେ ଦଂଶନ କରିବାକୁ ବୁଲୁଥିଲା। ଏହା କଅଣ କରିଥିଲା? ଶେଷରେ ଏହା ତାହାଙ୍କୁ ଦଂଶନ କରିଥିଲା।

ମାତ୍ର, ହେ ଭାଇ, କେହି ହେଲେ ଜାଣନ୍ତି, ଯେ ଗୋଟିଏ କୀଟ କିମ୍ବା ଏକ ମହୁମାଛି, ଯଦି ଏହା ଆପଣଙ୍କୁ ଥରେ ଦଂଶନ କରେ, ତାହାହେଲେ ଏହା ତାର ନାହୁଡର କାମ ଶେଷ

ହୋଇଯାଏ । ଏହା ଆଉ ଦଂଶନ କରିପାରେ ନାହିଁ । କାରଣ, ଯେତେବେଳେ ଏହା ଦଂଶନ କରିଥାଏ, ସେତେବେଳେ ଏହା ତାର ନାହୁଡକୁ ସେଠାରେ ଛାଡ଼ି ଦେଇଥାଏ ।

ସେହି କାରଣରୁ ପରମେଶ୍ୱରଙ୍କୁ ଦେହ ଧାରଣ କରିବାକୁ ପଡିଥିଲା । ସେ ମୃତ୍ୟୁର ନାହୁଡକୁ ନିଜ ଶରୀର ଭିତରେ ନେଇଥିଲେ, ଏବଂ ସେ ମୃତ୍ୟୁରୁ ତାର ନାହୁଡ଼କୁ ବାହାର କରି ଦେଇଥିଲେ । ପ୍ରଭୁଙ୍କ ନାମକୁ ଧନ୍ୟ ହେଉ! ମୃତ୍ୟୁ ଗୁଜବ କରିପାରେ ଏବଂ ଦଂଶନ କରିପାରେ, ମାତ୍ର ଏହା ଆପଣଙ୍କର କୌଣସି ଅନିଷ୍ଟ କରିପାରେ ନାହିଁ ।

169 ପାଉଲ, ଯେତେବେଳେ ସେ ଅନୁଭବ କଲେ ଯେ *ମହୁମାଛିଟି* ତାଙ୍କ ଚାରିପାଖରେ ଗୁଣୁ ଗୁଣୁ କରି ଘୁରି ବୁଲୁଛି, ମୃତ୍ୟୁ ଠିକ୍ ପାଖେଇ ଆସୁଅଛି । ସେ କହିଲେ, "ହେ ମୃତ୍ୟୁ, କାହିଁ ତୋର ନାହୁଡ?" ସେ କାଲ୍‌ଭରୀ ଆଡକୁ ଇଙ୍ଗିତ କରି ଦେଖାଇ ପାରିଥିଲେ ଯେଉଁଠାରେକି ତାହା ଇମ୍ମାନୁୟେଲ୍‌ଙ୍କ ଶରୀରରେ ରହିଯାଇଥିଲା । "କାହିଁ ତୋର ଜୟ? ମାତ୍ର ପରମେଶ୍ୱରଙ୍କ ଧନ୍ୟବାଦ ହେଉ ଯିଏକି ଆମ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଜରିଆରେ ଆମକୁ ବିଜୟ ପ୍ରଦାନ କରନ୍ତି ।" ହଁ ।

170 ଆମେ ସବୁ ଜିନିଷ ଦେଖି ନ ଥାଉ ।

> *କିନ୍ତୁ ଦୂତମାନଙ୍କ ଅପେକ୍ଷା ସେ ଅଳ୍ପ ସମୟ ନ୍ୟୁନୀକୃତ ହୋଇଥିଲେ, ତାହାଙ୍କ ଅର୍ଥାତ୍ ଯୀଶୁଙ୍କୁ...ମୃତ୍ୟୁର ଦୁଃଖଭୋଗ ହେତୁ ଦେଖୁଅଛୁ,...*

> *କାରଣ ଯାହାଙ୍କ ନିମନ୍ତେ, ଓ ଯାହାଙ୍କ ଦ୍ୱାରା ସମସ୍ତ—ସମସ୍ତ ସୃଷ୍ଟ, ଅନେକ ସନ୍ତାନଙ୍କୁ* ଗୌରବରେ *ପ୍ରବେଶ କରାଇବାରେ,* ସେମାନଙ୍କର...*ପରିତ୍ରାଣର କର୍ତ୍ତାଙ୍କୁ* ଦୁଃଖଭୋଗ *ଦ୍ୱାରା...ସିଦ୍ଧ* କରିବା ତାହାଙ୍କର *ଉପଯୁକ୍ତ* ଥିଲା ।

ଏକମାତ୍ର ଉପାୟ ଯେ ସେ ଆମର ପରିତ୍ରାଣର କର୍ତ୍ତା ହୋଇ ପାରିଥାନ୍ତେ, ତାଙ୍କୁ ଦୁଃଖଭୋଗ କରିବାକୁ ଥିଲା ।

171 ବର୍ତ୍ତମାନ ଏଠାରେ ଏହି ସୁନ୍ଦର ବାକ୍ୟଗୁଡ଼ିକୁ ଶୁଣନ୍ତୁ । ତେବେ ଶୁଣନ୍ତୁ ।

> *ଯେଣୁ ଯେ ପବିତ୍ର କରନ୍ତି ଓ ଯେଉଁମାନେ ପବିତ୍ରୀକୃତ ହୁଅନ୍ତି ସେମାନେ ସମସ୍ତେ...ଏକ:...*

ଓଃ, କଅଣ ଆପଣ ସେଠାରେ ସେହି ଦ୍ରାକ୍ଷାଲତା ଏବଂ ସେହି ଶାଖାକୁ ଦେଖୁ ନାହାଁନ୍ତି କି? ସମସ୍ତେ ଏକ ଅଟନ୍ତି ।

> *...ସେଥିନିମନ୍ତେ ସେ ସେମାନଙ୍କୁ ଭ୍ରାତା ଭାଇ ବୋଲି କହିବାକୁ ଲଜ୍ଜିତ ନୁହଁନ୍ତି,*

ବୁଝିଲେ? କାହିଁକି? ଶୁଣନ୍ତୁ, ପରବର୍ତ୍ତୀ ପଦ ।

> *ଯେପରି ସେ କହନ୍ତି, ମୁଁ ଆପଣା ଭ୍ରାତୃଗଣଙ୍କ ନିକଟରେ ତୁମ୍ଭ ନାମ ଘୋଷଣା କରିବି, ସମାଜ ମଧ୍ୟରେ ତୁମ୍ଭର* ପ୍ରଶଂସା *ଗାନ କରିବି ।*

*ପୁନଶ୍ଚ, ମୁଁ ତାହାଙ୍କଠାରେ ମୋହର ବିଶ୍ୱାସ ରଖିବି । ପୁନର୍ବାର, ଏହି ଦେଖ ମୁଁ ଓ ପରମେଶ୍ୱରଦତ୍ତ ମୋହର ସନ୍ତାନମାନେ ।*

*ଅତଏବ ସନ୍ତାନମାନେ ରକ୍ତମାଂସର ସହଭାଗୀ ହୋଇଥିବାରୁ, ସେ ମଧ୍ୟ ନିଜେ ସେହିପରି ସେଥିର ସହଭାଗୀ ହେଲେ; ଯେପରି ମୃତ୍ୟୁ* ଦ୍ୱାରା *ମୃତ୍ୟୁର* ଅଧିକାରୀକୁ*, ଅର୍ଥାତ୍, ଶୟତାନକୁ ବିନାଶ କରନ୍ତି;*

*ପୁଣି ମୃତ୍ୟୁ ଉପରେ ଯେଉଁମାନେ ଯାବଜ୍ଜୀବନ*...ଦାସତ୍ୱର...ବନ୍ଧନରେ *ଥିଲେ*...ଥିଲେ ସେମାନଙ୍କୁ ସେ *ଉଦ୍ଧାର କରନ୍ତି ।*

172 ମଣିଷ ସବୁବେଳେ ମୃତ୍ୟୁକୁ ଭୟ କରୁଥିଲା । ଖ୍ରୀଷ୍ଟ ନିଜ ଉପରେ ମୃତ୍ୟୁକୁ ନେବା ପାଇଁ, ନୀଚସ୍ଥ କରାଗଲେ, ପାପ ହୋଇଗଲେ । ଏବଂ ସେ ଆମର "ଭାଇ" ବୋଲି କୁହାଇବାକୁ ଲଜ୍ଜିତ ନୁହଁନ୍ତି, କାରଣ ସେ ଠିକ ସେହିପରି ପରୀକ୍ଷିତ ହୋଇଥିଲେ ଯେପରିକି ଆମେମାନେ ପରୀକ୍ଷିତ ହୋଇଥାଉ । ଏବଂ ସେ କରିପାରନ୍ତି...ସଠିକ୍ ପ୍ରକାର ଏକ ମଧ୍ୟସ୍ଥି ହୋଇପାରନ୍ତି, 'କାରଣ ସେ ଠିକ ସେହି ସମାନ ପ୍ରକାର ପ୍ରଲୋଭନର ସମ୍ମୁଖୀନ ହୋଇଥିଲେ ଯାହାକି ଆପଣ ସମ୍ମୁଖୀନ ହୁଅନ୍ତି । ଏବଂ ସେ ଆପଣଙ୍କର ସ୍ଥାନ ନେଲେ, ଏହା ଜାଣି ଯେ ଆପଣ ତାହା ନିଜେ ନେଇ ପାରିବେ ନାହିଁ ।

173 ତେବେ, ଭାଇ, ଭଉଣୀ, କଅଣ ଆପଣ ଦେଖନ୍ତି ନାହଁ କି? ସମଗ୍ର ବିଷୟ ହେଉଛି ଅନୁଗ୍ରହ । ଏହାର ସମସ୍ତ ବିଷୟ ଅନୁଗ୍ରହ ଅଟେ । ଯାହା ବି ହେଉ, ଏହା ତାହା ନୁହେଁ ଯାହା ଆପଣ କରନ୍ତି । ଏହା ତ ତାହା ଅଟେ ଯାହା ସେ ଆପଣଙ୍କ ପାଇଁ ପୂର୍ବରୁ କରିସାରିଛନ୍ତି । ତେବେ, ଆପଣ ନିଜର ପରିତ୍ରାଣର ଯୋଗ୍ୟତା ପାଇଁ ଗୋଟିଏ ହେଲେ ବିଷୟ କରିପାରନ୍ତି ନାହିଁ । ଆପଣଙ୍କ ପରିତ୍ରାଣ ଏକ ଉପହାର ଅଟେ । ଖ୍ରୀଷ୍ଟ ପାପସ୍ୱରୂପ ହୋଇଗଲେ, ଯେପରିକି ଆପଣ ଧାର୍ମିକ ହୋଇପାରନ୍ତି । ଏବଂ ସେ ଆମମାନଙ୍କର ପରିତ୍ରାଣ ପାଇଁ ସଠିକ୍ ପ୍ରକାର ଜଣେ ମୁଖ୍ୟ ନେତା ଅଟନ୍ତି, କାରଣ ସେ ଠିକ ସେହିପରି ଯନ୍ତ୍ରଣା ଭୋଗ କରିଥିଲେ ଯେପରିକି ଆମେମାନେ ଭୋଗ କରିଥାଉ । ସେ ସେହିପରି ଭାବରେ ପ୍ରଲୋଭିତ କରା ଯାଇଥିଲେ ଯେପରିକି ଆମେମାନେ ପ୍ରଲୋଭିତ କରା ଯାଇଅଛୁ । ଏବଂ ସେ "ଆମର ଭାଇ" ବୋଲି ଡକା ଯିବାକୁ ଲଜ୍ଜିତ ନୁହଁନ୍ତି, କାରଣ ସେ ଜାଣନ୍ତି ଯେ ଆମେ କଅଣ ଦେଇ ଗତି କରୁ । ଓଃ, ତାହାଙ୍କ ନାମକୁ ଧନ୍ୟ ହେଉ!

*କାରଣ ପ୍ରକୃତରେ ସେ ତ ଦୂତମାନଙ୍କ ତତ୍ତ୍ୱ ନ ନେଇ; ଅବ୍ରହାମଙ୍କ ସନ୍ତାନମାନଙ୍କ ତତ୍ତ୍ୱ ନିଅନ୍ତି ।*

174 ଓଃ, ମୋର ପ୍ରଭୁ! ସେ ଜଣେ ସ୍ୱର୍ଗଦୂତ ହେଲେ ନାହିଁ । ସେ ଅବ୍ରହାମଙ୍କ ବଂଶ ହେଲେ । "ଏବଂ ଆମ୍ଭେମାନେ, ଖ୍ରୀଷ୍ଟଙ୍କଠାରେ ମୃତ ହୋଇ, ଅବ୍ରହାମଙ୍କ ବଂଶକୁ ଗ୍ରହଣ କରୁ, ଏବଂ ପ୍ରତିଜ୍ଞା ଅନୁଯାୟୀ ଉତ୍ତରାଧିକାରୀ ଅଟୁ ।" ବୁଝିଲେ? ସେ କଦାପି ଜଣେ ସ୍ୱର୍ଗଦୂତର ରୂପ ଗ୍ରହଣ କଲେ ନାହିଁ । ସେ କଦାପି ଜଣେ ସ୍ୱର୍ଗଦୂତ ହେଲେ ନାହିଁ । ସେ ଜଣେ ମନୁଷ୍ୟ ହେଲେ ।

ସେ ଅବ୍ରହାମଙ୍କ ବଂଶ ହେଲେ, ଏବଂ ମୃତ୍ୟୁର ନାହୁଡକୁ ଆପଣା ନିଜ ଶରୀରରେ ଗ୍ରହଣ କଲେ, ଯେପରିକି ଆମକୁ ପରମେଶ୍ୱରଙ୍କ ସହିତ ପୁନର୍ମିଳନ କରାନ୍ତି, ଏବଂ ବର୍ତ୍ତମାନ ସେଠାରେ ଏକ ମଧ୍ୟସ୍ଥି ରୂପେ ବସିଛନ୍ତି। ମୋର ପ୍ରଭୁ, ଆମେ ଏହାକୁ କିପରି ପ୍ରତ୍ୟାଖ୍ୟାନ କରିପାରିବା, ବନ୍ଧୁ?

175 ଶୁଣନ୍ତୁ।

> *ଅତଏବ ସମସ୍ତ ବିଷୟରେ ଆପଣା ଭ୍ରାତାମାନଙ୍କ ସଦୃଶ ହେବା ତାହାଙ୍କର ଉଚିତ୍ ଥିଲା, ଯେପରି ସେ ଲୋକମାନଙ୍କ ପାପର ପ୍ରାୟଶ୍ଚିତ୍ତ କରିବା ନିମନ୍ତେ ପରମେଶ୍ୱରଙ୍କ ସମ୍ବନ୍ଧରେ, ଦୟାଳୁ ଏବଂ... ବିଶ୍ୱସ୍ତ ମହାଯାଜକ ହୋଇପାରନ୍ତି।*

176 ଯେପରି ସେ ପ୍ରାୟଶ୍ଚିତ୍ତକାରୀ ହୋଇପାରନ୍ତି! ଦେଖନ୍ତୁ, ପରମେଶ୍ୱର ଏବଂ ମନୁଷ୍ୟ ମଧ୍ୟରେ ଶତ୍ରୁତା ଥିଲା। ଏବଂ କୌଣସି ମନୁଷ୍ୟ...

ସେମାନେ ଦୂତମାନଙ୍କୁ, ଭବିଷ୍ୟଦ୍‌ବକ୍ତାମାନଙ୍କୁ ପଠାଇଥିଲେ। ସେମାନେ ଆପଣମାନଙ୍କର ସ୍ଥାନ ନେଇ ପାରିବେ ନାହିଁ, କାରଣ ସେମାନଙ୍କୁ ନିଜ ପାଇଁ ପ୍ରାର୍ଥନା କରିବାକୁ ପଡିଥିଲା। ସେମାନେ ସ୍ଥାନ ନେଇପାରିବେ ନାହିଁ।

177 ତାହାପରେ, ସେ ବ୍ୟବସ୍ଥାକୁ ପଠାଇଲେ। ସେହି ବ୍ୟବସ୍ଥା ଜଣେ ପୋଲିସ କର୍ମଚାରୀ ଥିଲା ଯାହାକି ଆମମାନଙ୍କୁ କାରାଗାରରେ ରଖିଥାଏ। ଏହା ଆମମାନଙ୍କୁ ବାହାରକୁ ଆଣିପାରିବ ନାହିଁ। ସେ ବ୍ୟବସ୍ଥାକୁ ପଠାଇଥିଲେ।

ସେ ଭବିଷ୍ୟଦ୍‌ବକ୍ତାମାନଙ୍କୁ ପଠାଇଲେ, ସେ ଧାର୍ମିକମାନଙ୍କୁ, ଏବଂ ସବୁକିଛିକୁ ପଠାଇଲେ, ମାତ୍ର ପ୍ରାୟଶ୍ଚିତ ସାଧନ କରିପାରିଲେ ନାହିଁ। କିନ୍ତୁ ସେ ଓହ୍ଲାଇ ଆସି ଆମମାନଙ୍କ ମଧ୍ୟରୁ ଜଣେ ହୋଇଗଲେ। ଓଃ, ମୋର ପ୍ରଭୁ!

178 ମୋର ଇଚ୍ଛା ଯେ କାଳେ ଆମ ପାଖରେ ବର୍ତ୍ତମାନ ଅଧିକ ସମୟ ରହିଥାଆନ୍ତା, ମୁଁ ଆପଣଙ୍କୁ ସେହି ମୁକ୍ତିର ନିୟମ ପାଖକୁ ନେଇଯିବାକୁ ଚାହିଁବି; ମାତ୍ର ଆମ ପାଖରେ ସମୟ ନାହିଁ, କିନ୍ତୁ ଅଳ୍ପ କିଛି କ୍ଷଣ ପାଇଁ। ରୂତ ଏବଂ ନୟମୀଠାରେ ସେହି ସୁନ୍ଦର ଚିତ୍ରଣଟି ଅଛି। ଯଦି ଆପଣ ସେଠାରେ ଦେଖିବେ, ସେହି ପୁନର୍ମିଳନକୁ, କିପରି ଯେ ସେହି କର୍ତ୍ତା, ସେହି ବ୍ୟକ୍ତି ଯିଏକି ସେହି ହରାଇଥିବା ଏବଂ ପତିତ ସମ୍ପତ୍ତିକୁ ମୁକ୍ତ କରିବେ, ତାଙ୍କୁ ସେହି ସମ୍ପତ୍ତି ହରାଇଥିବା ବ୍ୟକ୍ତିଙ୍କର ଏକ ନିକଟ ସମ୍ପର୍କୀୟ ହେବାକୁ ଥିଲା। ସେହି କାରଣରୁ ବୋୟାଜଙ୍କୁ ଜଣେ ହେବାକୁ ଥିଲା...ତାଙ୍କୁ ନୟମୀର ଜଣେ ନିକଟ ସମ୍ପର୍କୀୟ ହେବାକୁ ଥିଲା, ଯେପରିକି ସେ ରୂତଙ୍କୁ ପାଇ ପାରିବେ। ଏବଂ ତାହାପରେ, ତାଙ୍କୁ ଯୋଗ୍ୟ ହେବାକୁ ଥିଲା। ତାଙ୍କୁ ତ ଏହା କରିବାକୁ ସମର୍ଥ ହେବାକୁ ଥିଲା, ଯେପରିକି ହଜିଯାଇଥିବା ଲୋକଙ୍କୁ ମୁକ୍ତ କରନ୍ତି। ଏବଂ ବୋୟାଜ, ଫାଟକ ନିକଟରେ, ଜୋତା ବାହାର କରି ତାକୁ ଫୋଫାଡି, ସର୍ବସାଧାରଣରେ ଏକ ସାକ୍ଷ୍ୟ ଦେଇଥିଲେ, ଯେ ସେ ନୟମୀ ଏବଂ ତାର ସମସ୍ତ ସମ୍ପତ୍ତିକୁ ମୁକ୍ତ କରିଥିଲେ। ଏବଂ ତାଙ୍କୁ ନିକଟ ସମ୍ପର୍କୀୟ ହେବାକୁ ଥିଲା।

179 ଏବଂ ସେହି କାରଣରୁ ଖ୍ରୀଷ୍ଟଙ୍କୁ, ପରମେଶ୍ୱରଙ୍କୁ, ଆମର ନିକଟ ସମ୍ପର୍କୀୟ ହେବାକୁ ଥିଲା। ଏବଂ ସେ ତଳକୁ ଓହ୍ଲାଇ ଆସି ଜଣେ ମନୁଷ୍ୟ ହୋଇଗଲେ। ଏବଂ ସେ ପ୍ରଲୋଭନର ସମ୍ମୁଖୀନ ହୋଇଥିଲେ। ଏବଂ ତାଙ୍କୁ ପରିହାସ କରା ଯାଇଥିଲା, ଥଟ୍ଟା କରା ଯାଇଥିଲା, ଏବଂ ତାଡ଼ନା କରା ଯାଇଥିଲା, ଓ ଅବହେଳା କରା ଯାଇଥିଲା, ଏବଂ "ବାଆଲ୍‌ଯିବୂଲ୍" ବୋଲି ଡକା ଯାଇଥିଲା, ଏବଂ—ଏବଂ ଉପହାସର ପାତ୍ର ହୋଇଥିଲେ, ଏବଂ ମୃତ୍ୟୁଦଣ୍ଡ ଅଧୀନରେ ମୃତ୍ୟୁବରଣ କରିଥିଲେ। ବୁଝିଲେ? ତାଙ୍କୁ ତ ଆମର ନିକଟ ସମ୍ପର୍କୀୟ ହେବାକୁ ପଡ଼ିଲା। ତାଙ୍କୁ ମିଥ୍ୟା ଅଭିଯୋଗରେ ଦୋଷୀ କରାଯିବାକୁ ପଡ଼ିଲା, କାରଣ ଆପଣ ମିଥ୍ୟା ଅଭିଯୋଗରେ ଦୋଷୀ କରାଯାଆନ୍ତି। ତାଙ୍କୁ ଅସୁସ୍ଥତା ସହିବାକୁ ପଡ଼ିଲା, କାରଣ ଆପଣ ଅସୁସ୍ଥ ଅଟନ୍ତି। ତାଙ୍କୁ ପାପ ବହନ କରିବାକୁ ପଡ଼ିଲା, କାରଣ ଏହା ଆପଣଙ୍କର ପାପ ଥିଲା। ଏବଂ ତାଙ୍କୁ ଆମର ନିକଟ ସମ୍ପର୍କୀୟ ହେବାକୁ ପଡ଼ିଲା। କେବଳ ଗୋଟିଏ ମାତ୍ର ଉପାୟ ଯେ ସେ ଆମକୁ ମୁକ୍ତ କରିପାରନ୍ତେ ତାହା ହେଉଛି ଆମର ନିକଟ ସମ୍ପର୍କୀୟ ହେବା। ଏବଂ ସେ କିପରି ନିକଟ ସମ୍ପର୍କୀୟ ହୁଅନ୍ତି, ତାହା ହେଉଛି ପାପମୟ ଶରୀରର ରୂପକୁ ଧାରଣ କରି ଆମମାନଙ୍କ ମଧ୍ୟରୁ ଜଣେ ହେବା ଦ୍ୱାରା। ଏବଂ ସେଥିରେ, ସେ ମୂଲ୍ୟ ପରିଶୋଧ କଲେ ଏବଂ ଆମକୁ ମୁକ୍ତ କରି ପିତାଙ୍କ ସହିତ ସହଭାଗିତା ନିକଟକୁ ଫେରାଇ ନେଲେ। ଓଃ, କି ଜଣେ ତ୍ରାଣକର୍ତ୍ତା! ଶବ୍ଦ ଏହାକୁ ପ୍ରକାଶ କରିପାରିବ ନାହିଁ।

> *କାରଣ ସେ ନିଜେ ଦୁଃଖଭୋଗ କରି ଅଧୀନ* ହୋଇଗଲେ,...ଏବଂ *ଯେଉଁମାନେ ପ୍ରଲୋଭିତ ହୁଅନ୍ତି ସେମାନଙ୍କୁ ସାହାଯ୍ୟ କରିବାକୁ ସମର୍ଥ ହେଲେ।*

180 *ସାହାଯ୍ୟ*ର ଅର୍ଥ ହେଉଛି "ସହାନୁଭୂତି" ପ୍ରକାଶ କରିବା। ଯେ, ଏହା ହେବାର *ସେହି* କାରଣ ହେଉଛି, ଯେ ସେ ଆପଣମାନଙ୍କ ପ୍ରତି ସହାନୁଭୂତିଶୀଳ ହୋଇପାରନ୍ତି ଯେଉଁମାନଙ୍କରକି...ନିଜର *ଉତ୍ଥାନ ଓ ପତନ* ରହିଛି, ଏବଂ ନିଜର ଛୋଟ *ଭିତର* ଏବଂ *ବାହାର* ରହିଛି, ଏବଂ ଆପଣମାନଙ୍କର ପ୍ରଲୋଭନଗୁଡିକ ଏତେ ବଡ ହୋଇଯାଏ ଯେ ଆପଣ ଏହାକୁ ସହ୍ୟ କରିପାରନ୍ତି ନାହିଁ। ସେ ଜାଣନ୍ତି ଯେ ଆପଣମାନଙ୍କ ସହିତ କିପରି ସହାନୁଭୂତି କରିବେ। ସେ ସେଠାରେ ମଧ୍ୟସ୍ଥି କରିବା ପାଇଁ, ବସି ରହିଛନ୍ତି। ସେ ସେଠାରେ ଆପଣଙ୍କୁ ପ୍ରେମ କରିବା ପାଇଁ, ବସି ରହିଛନ୍ତି। ଏବଂ ଯଦିଓ ଆପଣ ବିପଥଗାମୀ ହୁଅନ୍ତି, ସେ ଆପଣଙ୍କୁ ପରିତ୍ୟାଗ କରିବେ ନାହିଁ। ସେ ତଥାପି ଆପଣଙ୍କ ପଛରେ ଆସିବେ ଏବଂ ଆପଣଙ୍କ ହୃଦୟକୁ ଆଘାତ କରିବେ। ଏହି ଭବନରେ ଏପରି ଜଣେ ବିପଥଗାମୀ ନାହାଁନ୍ତି ଯିଏକି ଏହା ଜାଣନ୍ତି ନାହିଁ ଯେ ପରମେଶ୍ୱର ପ୍ରତିଦିନ ତାଙ୍କ ହୃଦୟରେ ଆଘାତ କରନ୍ତି। ଏବଂ ସେ ଏହାକୁ ସେପର୍ଯ୍ୟନ୍ତ କରୁଥିବେ ଯେପର୍ଯ୍ୟନ୍ତକି ଆପଣ ଏହି ପୃଥିବୀରେ ଜଣେ ମର୍ତ୍ତ୍ୟ ଅଟନ୍ତି, କାରଣ ସେ ଆପଣଙ୍କୁ ପ୍ରେମ କରନ୍ତି। ସେ ଆପଣଙ୍କୁ ମୁକ୍ତ କଲେ।

181 କବିମାନେ ଚେଷ୍ଟା କରିଛନ୍ତି, ଲେଖକମାନେ ଚେଷ୍ଟା କରୁଛନ୍ତି, ମଣିଷ ସେହି "ପ୍ରେମ" ର

ବିଷୟବସ୍ତୁକୁ ପ୍ରକାଶ କରିବାକୁ ଚେଷ୍ଟା କରୁଅଛି, ଏବଂ ଏହା ମାନବ ଅଭିବ୍ୟକ୍ତିରେ ମିଳିପାରେ ନାହିଁ । ଜଣେ କହିଲେ:

ଓଃ, ପରମେଶ୍ୱରଙ୍କ ପ୍ରେମ, କେତେ ସମୃଦ୍ଧ ଏବଂ ବିଶୁଦ୍ଧ!
କେତେ ଅଗାଧ ଏବଂ ଶକ୍ତିଶାଳୀ!
ଏହା ଚିରଦିନ ପାଇଁ ରହିବ,
ସାଧୁଗଣ ଏବଂ ସ୍ୱର୍ଗଦୂତମାନେ ଗୀତ ଗାନ କରନ୍ତି ।

ଯଦି ଶ୍ୟାହୀରେ ପରିପୂର୍ଣ୍ଣ ଆମ ପାଖରେ ସମୁଦ୍ର ହୁଏ,
ଏବଂ ଚର୍ମପତ୍ରର ଆକାଶ ତିଆରି ହୁଏ;
ପୃଥିବୀର ପ୍ରତ୍ୟେକ ଡାଳ ଏକ କଲମ ହୁଏ,
ଏବଂ ପ୍ରତ୍ୟେକ ବ୍ୟକ୍ତି ବୃତ୍ତିରେ ଜଣେ ଲିପିକ ହୁଏ;
ଊର୍ଦ୍ଧ୍ୱସ୍ଥ ପରମେଶ୍ୱରଙ୍କ ପ୍ରେମ ବିଷୟ ଲେଖିବା ନିମନ୍ତେ
ସମୁଦ୍ରକୁ ଶୁଷ୍କ କରିଦେବ;
କିଅବା ନଳାକାର ପୁସ୍ତକ କି ସମଗ୍ର ବିଷୟକୁ ଧାରଣ କରିପାରିବ,
ଯଦିଓ ଆକାଶରୁ ଆକାଶ ପର୍ଯ୍ୟନ୍ତ ବିସ୍ତାର ହୋଇଥାଏ ।

182 ଆପଣ କଦାପି ବୁଝିବେ ନାହିଁ । ଆମ ପାଇଁ ଏହା ବୁଝିବାର କୌଣସି ଉପାୟ ନାହିଁ ଯେ ସେହି ମହାନ ବଳିଦାନ, ଯାହା ସେ କରିଥିଲେ, କିପରି ତଳକୁ ଆସି ଆମକୁ ପରମେଶ୍ୱରଙ୍କ ସହିତ ପୁନର୍ମିଳନ କଲେ । ତାହାପରେ ସେ ଫେରି ଯାଇ କହିଲେ, "ତେବେ, ମୁଁ ତୁମମାନଙ୍କୁ ଭରସାହୀନେ ଛାଡିବି ନାହିଁ । ମୁଁ ପୁନର୍ବାର ଆସିବି ଏବଂ ତୁମ ସହିତରେ ରହିବି, ଏପରିକି ଜଗତର ଶେଷ ଯାଏଁ, ତୁମ ଅନ୍ତରରେ ରହିବି ।"

183 ଏବଂ ଏଠାରେ ଆମେମାନେ ଆଜି, ସେହି ଶେଷ ସମୟରେ, ସେହି ସମାନ ଯୀଶୁ, ସେହି ସମାନ ବିଷୟଗୁଡିକ, ସେହି ସମାନ ଚିହ୍ନମାନ, ସମାନ ଆଶ୍ଚର୍ଯ୍ୟକର୍ମମାନ, ସମାନ ପରିତ୍ରାଣ, ସମାନ ଆତ୍ମା ସେହି ସମାନ କାର୍ଯ୍ୟଗୁଡିକ ସାଧନ କରୁଥିବା ସହ, ସମାନ ସୁସମାଚାର, ସମାନ ବାକ୍ୟ, ସମାନ ଦୃଷ୍ଟାନ୍ତ, ସମାନ ପ୍ରକଟୀକରଣ, ସବୁକିଛି ସହ ବାସ କରୁଅଛୁ । ଏହା ଆମକୁ ଏହି ମହତ୍ ପରିତ୍ରାଣକୁ ଅବହେଳା ନ କରିବାକୁ ବାଧ୍ୟ କରେ, କାରଣ ଆମକୁ କୌଣସି ଏକ ଦିନ, ତାର ଏକ ଲେଖା ଦେବାକୁ ପଡିବ, ଯାହା ଆମେମାନେ ପରମେଶ୍ୱରଙ୍କ ପୁତ୍ରଙ୍କ ସହିତ ବ୍ୟବହାର କରିଅଛୁ ।

184 ହେ ପାପୀ, ହେ ବିପଥଗମନକାରୀ, ଆଜି ରାତି ସେ ଆପଣଙ୍କ ହାତରେ ଅଛନ୍ତି । ଆପଣ ତାହାଙ୍କ ସହିତ କଅଣ କରିବାକୁ ଯାଉଛନ୍ତି? ଆପଣ କୁହନ୍ତି, "ତେବେ, ମୁଁ ଏହାକୁ ବାହାର କରିଦେବି ।" ମାତ୍ର, ମନେ ରଖନ୍ତୁ, ଆପଣ ତାହା କରନ୍ତୁ ନାହିଁ । ତେବେ ସେଠାରେ ଆଦୌ, କୌଣସି ଉପାୟ ହିଁ ନାହିଁ, ଯଦି ଆପଣ ଜଣେ ପାପୀ ଅଟନ୍ତି, ଯେ ଆପଣ ଏହି ଭବନ ଛାଡିକରି ଯିବେ ଓ ସେହି ସମାନ ହୋଇ ରହିପାରନ୍ତି । ଆପଣ ଏହା କରିପାରନ୍ତି ନାହିଁ ।

185 ପୀଲାତ, ଗୋଟିଏ ରାତି, ତାହା କରିବାକୁ ଚେଷ୍ଟା କରିଥିଲେ । ସେ କିଛି ପାଣି ନେଲେ ଏବଂ ନିଜର ହାତ ଧୋଇ ଦେଲେ । କହିଲେ, "ମୋର ଏହା ସହିତ କିଛି ହେଲେ କରିବାର ନାହିଁ । ମୁଁ ତ କେବଳ ସେହି ସମାନ ପରି ହିଁ ଅଟେ ଯେପରିକି ମୁଁ ଏହା କେବେ ଦେଖିନାହିଁ । ମୁଁ କଦାପି ସୁସମାଚାର ଶୁଣି ନାହିଁ । ମୁଁ ଏହା ସହିତ କିଛି ହେଲେ କରିବାକୁ ଚାହେଁ ନାହିଁ ।" କଅଣ ସେ ଏହାକୁ ନିଜ ହାତରୁ ଧୋଇ ଦେଇପାରିଲେ କି? ସେ ପାରିଲେ ନାହିଁ ।

186 ଅବଶେଷରେ, ଆପଣ ଜାଣନ୍ତି କି ପୀଲାତଙ୍କ ସହିତରେ କଅଣ ହେଲା? ସେ ହତବୁଦ୍ଧି ହୋଇଗଲେ । ଏବଂ ଉପରେ ସ୍ୱିଜରଲ୍ୟାଣ୍ଡରେ, ଯେଉଁଠାରେକି ଆମେମାନେ ଗତ ବର୍ଷ, ସୁସମାଚାର ପ୍ରଚାର କରିବା ନିମନ୍ତେ ଥିଲୁ, ବର୍ତ୍ତମାନ ସେଠାରେ ଏକ ପୁରାତନ କିମ୍ବଦନ୍ତୀ ଅଛି ଯାହାକି କୁହେ, ଯେ, ସେଠାରେ ସେହି ସ୍ଥାନରେ ଏକ ପୁଷ୍କରିଣୀ ଅଛି, ଯେଉଁଠାରେକି ଲୋକମାନେ, ପ୍ରତିବର୍ଷ, କ୍ରୁଶାର୍ପଣର ସମୟରେ, ଏହା ଦେଖିବା ପାଇଁ ପୃଥିବୀର ବିଭିନ୍ନ ସ୍ଥାନରୁ ଆସନ୍ତି । ପୀଲାତ, ସେ ଏହି ପାଣି ଭିତରକୁ ଡେଇଁ ନିଜକୁ ବୁଡ଼ାଇବା ଦ୍ୱାରା, ଆତ୍ମହତ୍ୟା କରି, ମୃତ୍ୟୁବରଣ କରିଥିଲେ । ଏବଂ ପ୍ରତିବର୍ଷ, ସେହି ସମାନ ଦିନ, ସେହି ପୁଷ୍କରିଣୀରୁ ନୀଳ ରଙ୍ଗର ଜଳ ଫୁଟି ବାହାରିଥାଏ, ଏହା ଦର୍ଶାଇବା ପାଇଁ ଯେ ପରମେଶ୍ୱର ସେହି ଜଳକୁ ପ୍ରତ୍ୟାଖ୍ୟାନ କରିଥିଲେ । ଜଳ କଦାପି ଆପଣଙ୍କ ହାତରୁ କିମ୍ବା ଆପଣଙ୍କ ପ୍ରାଣରୁ ଯୀଶୁଙ୍କ ରକ୍ତକୁ ଧୋଇ ସଫା କରିପାରେ ନାହିଁ । ଏହା କରିବାର କେବଳ ଗୋଟିଏ ଉପାୟ ଅଛି, ତାହା ହେଉଛି ଏହାକୁ ନିଜର ବ୍ୟକ୍ତିଗତ କ୍ଷମା ଭାବରେ ଗ୍ରହଣ କରନ୍ତୁ ଏବଂ ପରମେଶ୍ୱରଙ୍କ ସହିତ ପୁନର୍ମିଳନ କରିନିଅନ୍ତୁ ।

ଆସନ୍ତୁ ଆମେମାନେ ପ୍ରାର୍ଥନା କରିବା ।

187 ସ୍ୱର୍ଗୀୟ ପିତା, ଆମେ ତୁମକୁ ଆଜି ରାତି ବାକ୍ୟ ପାଇଁ ଧନ୍ୟବାଦ ଦେଉଅଛୁ । "କାରଣ ବିଶ୍ୱାସ ଶ୍ରବଣ ଦ୍ୱାରା ଆସେ, ଓ ବାକ୍ୟ ଶ୍ରବଣ ଦ୍ୱାରା ଆସେ ।" ଆମେ ଯୀଶୁଙ୍କ ପାଇଁ ତୁମକୁ ଧନ୍ୟବାଦ ଦେଉଅଛୁ । ଏବଂ ଯେତେବେଳେ ଆମେ ଏହି ମହାନ ଦିନକୁ ଦେଖୁଅଛୁ ଯେଉଁଥିରେକି ଆମେ ବସବାସ କରୁଅଛୁ, କିପରି ସେହି ଚିହ୍ନ ଏବଂ ଚମତ୍କାରମାନ, କିପରି ଆମେ ଏହି ବିଷୟଗୁଡିକୁ ଖସିଯିବାକୁ ଦେଇଥାଉ । ପରମେଶ୍ୱର, ଆଜି ରାତି ଏହି ଆରାଧନାଳୟରେ ଲୋକମାନଙ୍କର ଆଖିଗୁଡିକୁ ଖୋଲିଦିଅ, ଯେପରିକି ସେମାନେ ଦେଖିପାରନ୍ତି ଏବଂ ବୁଝିପାରନ୍ତି ଯେ ଆମେ ଶେଷ ଘଟିକାରେ ଅଛୁ । ସମୟ ଗଡି ଯାଉଅଛି । ଆମ ପାଖରେ ଏଠାରେ ରହିବା ହେତୁ ବହୁତ ଅଧିକ ସମୟ ନାହିଁ, ଏବଂ ଆମକୁ ଯୀଶୁଙ୍କୁ ଦେଖିବାକୁ ଅଛି । ଏବଂ ଆମେ ଦେଶଦ୍ରୋହୀ ବୋଲି ବିବେଚନା କରାଯିବୁ, କାରଣ ସେଠାରେ କୌଣସି ବାହାନା ନାହିଁ । ଆଜି ସକାଳେ, ଯେତେବେଳେ ତୁମେ ସେହି ମହାନ, ଶକ୍ତିଶାଳୀ ଦର୍ଶନକୁ ଦେଇଥିଲ, ଯେ ସେହି ଦୂର ଦେଶରୁ, ସେହି ବ୍ୟକ୍ତିଜଣକ ଏଠାକୁ ଆସୁଛନ୍ତି; ଏବଂ ସନ୍ଦେହର କୌଣସି ହେଲେ ଛାୟା ବାହାରେ, ତାଙ୍କୁ ସେହି ଚକଲଗା ଚୌକିରୁ ଉଠି, ନିଜର ଦୃଷ୍ଟିଶକ୍ତିକୁ ଫେରି ପାଇବାର, ଦେଖିବା । ତାଙ୍କର ଗୋଡ଼ ମଜବୁତ ହୋଇଗଲା, ସେ ଏହି ଭବନ ଦେଇ, ଉଲ୍ଲସିତ ହୋଇ ପରମେଶ୍ୱରଙ୍କୁ ପ୍ରଶଂସା କରି ଚାଲିଗଲେ । ଏହା ଦର୍ଶାଏ ଯେ

ପରମେଶ୍ୱର ଏବେ ସୁଦ୍ଧା ଏହି ପଥରଗୁଡ଼ିକରୁ ଅବ୍ରହାମଙ୍କ ନିମନ୍ତେ ସନ୍ତାନମାନଙ୍କୁ ଉଠାଇବା ପାଇଁ ସକ୍ଷମ ଅଟନ୍ତି । ଦର୍ଶନଗୁଡିକ ଦେଖିବା, ଯେପରିକି ଯୀଶୁ କହିଥିଲେ, "ପିତା ମୋତେ ନ ଦେଖାଇବା ପର୍ଯ୍ୟନ୍ତ ମୁଁ କିଛି କରେ ନାହିଁ । ମୁଁ କିଛି କରିପାରେ ନାହିଁ ।"

188 ସେହି ଅନ୍ଧ ବ୍ୟକ୍ତି ତାହାଙ୍କୁ ଅନୁସରଣ କରି, କହିଲେ, "ଆମ ଉପରେ ଦୟା କର ।"

189 ସେ କହିଲେ, ସେମାନଙ୍କର ଆଖିକୁ ସ୍ପର୍ଶ କଲେ ଓ କହିଲେ, "ତୁମର ବିଶ୍ୱାସ ଅନୁଯାୟୀ, ତୁମ ପ୍ରତି ତାହା ହେଉ ।"

190 ତେବେ, ପ୍ରଭୁ, ଆମେ ଯୀଶୁଙ୍କୁ ଦେଖୁଅଛୁ । ଆମେ ସବୁ ବିଷୟକୁ ଦେଖୁନାହୁଁ । ଆମେ ଦେଖୁଅଛୁ ଯେ ଆମେ ଏବେ ସୁଦ୍ଧା ଆମମାନଙ୍କ ମଧ୍ୟରୁ ସାଧୁଗଣଙ୍କୁ କବରକୁ ନେଇ ଯାଇଥାଉ, ଏବଂ ପରସ୍ପରର କବର ଉପରେ ଗମନାଗମନ କରିଥାଉ । ମାତ୍ର ଆମେ ଯୀଶୁଙ୍କୁ ଦେଖୁଅଛୁ, ଯିଏକି ସେହି ପ୍ରତିଜ୍ଞାକୁ କରିଥିଲେ । ଆମେ ତାହାଙ୍କୁ ଆମ ସହିତରେ ଦେଖୁଅଛୁ । ଯୀଶୁଙ୍କୁ କବରରେ ଥିବା ନୁହଁ, ଯୀଶୁଙ୍କୁ ଦୁଇ ହଜାର ବର୍ଷ ପୂର୍ବେ ଥିବାର ନୁହେଁ; ମାତ୍ର ଯୀଶୁ ଆଜି ରାତି, ଯିଏକି ଆମ ସହିତରେ ଅଛନ୍ତି । ଆମେ ତାହାଙ୍କୁ ତାଙ୍କର ସମସ୍ତ ଶକ୍ତି, ଏବଂ ଚିହ୍ନ, ଏବଂ ଚମତ୍କାରରେ ପ୍ରକଟିତ ହେଉଥିବାର ଦେଖୁଅଛୁ ।

191 ପରମେଶ୍ୱର, ଏହା ହେଉ ଯେ ଆମେ କଦାପି ଏହି ମହାନ ପରିତ୍ରାଣକୁ ଅବହେଳା ନ କରୁ । ମାତ୍ର ଏହା ହେଉ ଯେ ଆମେ ଏହାକୁ ଆଲିଙ୍ଗନ କରୁ, ଏବଂ ଏହାକୁ ଗ୍ରହଣ କରୁ, ଏବଂ ଭୟ ଭକ୍ତି ସହକାରେ ରହୁ, ଏବଂ ତାହା ଦ୍ୱାରା ସେହି ଦିନ ପର୍ଯ୍ୟନ୍ତ ଜୀବନ ଯାପନ କରୁ ଯେପର୍ଯ୍ୟନ୍ତକି ଯୀଶୁ ଆମକୁ ଘରକୁ ନେଇଯିବା ପାଇଁ ନ ଆସିଯାଆନ୍ତି । ହେ ପ୍ରଭୁ, ଏହା ପ୍ରଦାନ କର । ଆମେ ଏହାକୁ ତାହାଙ୍କ ନାମରେ ମାଗୁଅଛୁ ।

192 ଏବଂ ଯେତେବେଳେକି ଆମେମାନେ ନିଜର ମସ୍ତଗୁଡିକ ନତ କରିଅଛୁ, ମୁଁ ଭାବୁଛି ଯେ ଆଜି ରାତିରେ ପବିତ୍ରଆତ୍ମାଙ୍କ ଈଶ୍ୱରୀୟ ଉପସ୍ଥିତିରେ, ଏହି ଭବନରେ ଯଦି ଏପରି କେହି ବ୍ୟକ୍ତି ଅଛନ୍ତି କି, ଯିଏକି କହିବେ, "ଭାଇ ବ୍ରାନହମ୍, ମୁଁ ସୁନିଶ୍ଚିତ ଯେ ମୁଁ ଭୁଲ୍ ଅଟେ । ମୁଁ ସୁନିଶ୍ଚିତ ଯେ ମୁଁ ଭୁଲ୍ ଅଟେ । ପରମେଶ୍ୱର ମୋତେ ମୋର ପାପଗୁଡ଼ିକୁ ପ୍ରକାଶ କରିଛନ୍ତି । ଏବଂ ମୁଁ ଜାଣେ ଯେ ମୁଁ ଭୁଲ୍ ଅଟେ । ଆଜି ରାତି, ମୁଁ ତାହାଙ୍କ ନିକଟରେ ମୋର ହାତକୁ ଉଠାଇବି ଏବଂ ଦୟା ମାଗିବି । ହେ ପରମେଶ୍ୱର, ମୋ ପ୍ରତି ଦୟା କର । ମୁ ଭୁଲ ଅଟେ ।" କଅଣ ଆପଣ ତାହା କରିବେ କି?

193 ଯେତେବେଳେକି ଆମେ କିଛି କ୍ଷଣ ଅପେକ୍ଷା କରୁଥାଉ, ଯଦି ଏଠାରେ କେହି ବ୍ୟକ୍ତି ଅଛନ୍ତି କି ଯିଏକି ଚାହିଁବେ, ସେଠାରେ ଏକ ବାପ୍ତିସ୍ମ ଅଳ୍ପ କିଛି ମୁହୂର୍ତ୍ତରେ ଘଟିବାକୁ ଯାଉଅଛି । ଏବଂ ଯଦି ଆପଣ ଜଣେ ପାପୀ ଅଟନ୍ତି, ମୁଁ ଅନୁତାପ କରିବି । ତେବେ ଆପଣ କିପରି ସେହି ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କର ଏପରି ଅଗାଧ ପ୍ରେମକୁ ପ୍ରତ୍ୟାଖ୍ୟାନ କରିପାରନ୍ତି? ସ୍ୱର୍ଗର ପବିତ୍ର ପରମେଶ୍ୱର ଜଣେ ପାପୀ ଲୋକ ହୋଇଗଲେ; ଏଥିପାଇଁ ନୁହେଁ ଯେ ସେ ପାପ କରିଥିଲେ, ବରଂ ଏଥିପାଇଁ ଯେ ସେ ଆପଣଙ୍କର ପାପଗୁଡିକୁ ଧାରଣ କରିଥିଲେ,

ଏବଂ ସେଗୁଡ଼ିକୁ କାଲବରୀକୁ ନେଇଗଲେ । ଏବଂ କଅଣ ଆପଣ ସେହି କ୍ଷମାକୁ ଗ୍ରହଣ କରିବେ ନାହିଁ କି? କଅଣ ଆପଣ ଆଜି ରାତିରେ ତାହା କରିବେ ନାହିଁ କି? ଯେତେବେଳେକି ଆମେମାନେ ଆମର ମୁଣ୍ଡଗୁଡିକୁ ନୁଆଁଇ ଅଛୁ, କେହି ଜଣେ କହିବେ, "ମୋତେ ମନେ ରଖନ୍ତୁ, ଭାଇ ବ୍ରାନହମ୍ । ମୁଁ ଖ୍ରୀଷ୍ଟଙ୍କ ପ୍ରତି ନିଜ ହାତକୁ ଉତ୍ତୋଳନ କରେ,ଏବଂ କୁହେ, 'ମୋ ପ୍ରତି ଦୟା କର । ମୁଁ—ମୁଁ ଭୁଲ୍ ଅଟେ, ଏବଂ ମୁଁ ପରମେଶ୍ୱରଙ୍କ ସହ ପୁନର୍ମିଳନ କରିବାକୁ ଚାହେଁ ।'" କଅଣ ଆପଣ ନିଜର ହାତ ଉଠାଇବେ କି?

ଠିକ ଅଛି, ଯଦି ସମସ୍ତେ ଖ୍ରୀଷ୍ଟିଆନ ଅଟନ୍ତି, ତେବେ, ଆସନ୍ତୁ ଆମେମାନେ ପ୍ରାର୍ଥନା କରିବା ।

194 ପିତା, ଆଜି ରାତିରେ ଆମେ ତୁମକୁ ଧନ୍ୟବାଦ ଦେଉଅଛୁ, ଯେ ଏଠାରେ ଥିବା ସମସ୍ତେ ଖ୍ରୀଷ୍ଟିଆନ ଅଟନ୍ତି, ପୁଣି ଯେ ସେମାନେ ନୀରବ ରହିବା ଦ୍ୱାରା ସେହି ସମାନ ସାକ୍ଷ୍ୟକୁ ଦେଇଅଛନ୍ତି, ଯେ ସେମାନଙ୍କର ପାପଗୁଡିକ ସବୁ ରକ୍ତ ତଳେ ଅଛି । ଏବଂ ମୁଁ ଏଇଥିପାଇଁ ବହୁତ କୃତଜ୍ଞ ଅଟେ । ହେ ପ୍ରଭୁ, ସେମାନଙ୍କୁ ଆଶୀର୍ବାଦ କର । ଓଃ, ମୁଁ ଅତ୍ୟଧିକ ଆନନ୍ଦିତ ଯେ ସେମାନେ ବାକ୍ୟ ଶୁଣିବା ଦ୍ୱାରା, ରକ୍ତର ଉତ୍ସର୍ଗ କରାଯିବା ଜରିଆରେ ପୁନର୍ମିଳନକୁ ପାଇଅଛନ୍ତି । ବାକ୍ୟ ରୂପ, ଜଳରେ ଧୌତ କରାଯିବା ଦ୍ୱାରା, ଏହା ଆମକୁ ପରିଷ୍କାର କରେ । ଏହା ଆମକୁ ସର୍ବଶ୍ରେଷ୍ଠ ସ୍ଥାନକୁ ଆଣିଥାଏ, ଯେଉଁଠାରେକି—ଯେଉଁଠାରେକି ସେହି ପାପୀ, ନିଜର ଘୋର ଅନ୍ଧକାର ସହିତ, ହିମ ତୁଲ୍ୟ ଶୁଭ୍ର କରା ଯାଇଥାଏ । ପାପର ଲାଲ ରଙ୍ଗର ଦାଗଗୁଡିକ ଧୋଇ ହୋଇଯାଇଅଛି, ଏବଂ ଆମେ ଖ୍ରୀଷ୍ଟଙ୍କଠାରେ ନୂତନ ଜୀବ ଅଟୁ । ଏଥିପାଇଁ, ଆମେ ତୁମକୁ, କିପରି ଧନ୍ୟବାଦ ଦେଉଅଛୁ ।

ବର୍ତ୍ତମାନ ବାପ୍ତିସ୍ମ ସେବା ଆସୁଅଛି । ମୁଁ ବୁଝିପାରୁଛି ଯେ ଏହି ଯୁବା ମହିଳା ଜଣକ, ଆଜି ରାତି, ଏଠାରେ ନିଜର ପ୍ରଭୁଙ୍କ ନାମରେ ବାପ୍ତିଜିତ ହେବା ପାଇଁ ଅଛନ୍ତି ।

195 ହେ ସ୍ୱର୍ଗୀୟ ପିତା, ଆମେମାନେ ପ୍ରାର୍ଥନା କରୁଛୁ ଯେ ତୁମେ ଏହି ଯୁବା ମହିଳାଙ୍କୁ ଆଶୀର୍ବାଦ କରିବ । ମୋର ମନ କିପରି କିଛି ଦିନ ପୂର୍ବକୁ ଫେରିଯାଏ, ଯେତେବେଳେକି ହେନେରୀଭିଲକୁ ଆସିଥିଲି ଏବଂ ସେହି ସୁନ୍ଦର ସାନ ଝିଅଟିକୁ ସେଠାରେ ରାସ୍ତାରେ ବୁଲୁଥିବାର ଦେଖିଥିଲି । ଏବଂ ଆଜି ରାତିରେ, ସେ ଜଣେ ମାଆ ଅଟେ, ଜଣେ ମହିଳା । ସେ ତୁମକୁ ନିଜର ବ୍ୟକ୍ତିଗତ ତ୍ରାଣକର୍ତ୍ତା ଭାବରେ ଗ୍ରହଣ କରିଅଛି । ହେ ପରମେଶ୍ୱର, ପ୍ରଭୁ, ସେହି ଶିଶୁ ପାଇଁ ଜୀବନ କଠିନ ରହିଅଛି, ମାତ୍ର ତାହା ପାଇଁ ଏକ ସ୍ୱର୍ଗ ନିଶ୍ଚିତ ଅଛି । ଏବଂ ଏଥିପାଇଁ ଆମେ ତୁମକୁ ଧନ୍ୟବାଦ ଦେଉଅଛୁ । ହେ ପରମେଶ୍ୱର, ଆମେମାନେ ପ୍ରାର୍ଥନା କରୁଛୁ ଯେ ତୁମେ ବର୍ତ୍ତମାନ ଏହି ଯୁବା ମହିଳାଙ୍କୁ ଆଶୀର୍ବାଦ କରିବ । ଏବଂ ଯେତେବେଳେ ସେ ପାଣିରେ ବାପ୍ତିଜିତ ହେବାକୁ ଆସନ୍ତି, ଏହା ହେଉ ଯେ ତୁମେ ତାଙ୍କୁ ପରମେଶ୍ୱରଙ୍କ ପବିତ୍ରଆତ୍ମା ସହିତ ପରିପୂର୍ଣ୍ଣ କର । ହେ ପ୍ରଭୁ, ଏହା ପ୍ରଦାନ କର । ଏହା ହେଉ ଯେ ତାର ପ୍ରାଣ ଏତେ ଉତ୍ତେଜିତ ହେଉ, ଯେ ସ୍ୱର୍ଗ ମଧ୍ୟକୁ ଚାଲିଯାଉ! ତୁମର ମହିମା ପାଇଁ ଏହାକୁ ପ୍ରଦାନ କର । ଆମେ ଏହାକୁ

ଯୀଶୁଙ୍କ ନାମରେ ମାଗୁଅଛୁ । ଆମେନ୍ ।

196 [ଟେପ୍‌ରେ ରିକ୍ତ ସ୍ଥାନ—ସମ୍ପା ।] ମୁଁ ପ୍ରେରିତ, ତାର 2ୟ ଅଧ୍ୟାୟରୁ ପାଠ କରିବାକୁ ଚାହେଁ; ପେଣ୍ଟିକଷ୍ଟ ଦିନରେ, ପିତର କହୁଥିଲେ, ସେହି ପ୍ରଥମ ବାପ୍ତିସ୍ମ ଯାହାକି ଖ୍ରୀଷ୍ଟିଆନ ମଣ୍ଡଳୀରେ ଅନୁଷ୍ଠିତ ହୋଇଥିଲା । ପିତର, ପରମେଶ୍ୱରଙ୍କ ପୁତ୍ରଙ୍କୁ ନ ଚିହ୍ନି ପାରିଥିବାରୁ, ଫାରୂଶୀ ଓ ଅନ୍ଧମାନଙ୍କୁ ଭର୍ତ୍ସନା କରୁଥିଲେ; ଏହା କହୁଥିଲେ ଯେ ପରମେଶ୍ୱର କିପରି ତାହାଙ୍କୁ ପୁନରୁତ୍‌ଥିତ କରିଥିଲେ, ଏବଂ ତାହାଙ୍କର କାର୍ଯ୍ୟଗୁଡ଼ିକୁ ବଡ଼ ଚିହ୍ନ ଓ ଚମତ୍କାରରେ, ପ୍ରମାଣ କରିଥିଲେ । ଯେତେବେଳେ ସେ ଏହା କହୁଥିଲେ, ତାହାକୁ ଶୁଣନ୍ତୁ । ସେ ଯୀଶୁଙ୍କୁ ଉଚ୍ଚୀକୃତ କରୁଥିଲେ ।

197 ପ୍ରତ୍ୟେକ ଖ୍ରୀଷ୍ଟିଆନର ଆତ୍ମା ଯୀଶୁଙ୍କୁ ଉଚ୍ଚୀକୃତ କରେ, କେବଳ ନିଜର ଓଠ ଦ୍ୱାରା ନୁହେଁ, ବରଂ ନିଜ ଜୀବନ ଦ୍ୱାରା । ଆପଣଙ୍କର ଓଠ ଗୋଟିଏ କଥା କହିପାରେ, ଆପଣଙ୍କର ଜୀବନ ଅନ୍ୟ କିଛି କରେ । ଯଦି ଆପଣ ତାହା କରନ୍ତି, ତେବେ କଅଣ ଆପଣ ଜାଣିଛନ୍ତି ଯେ ଏହା କଅଣ ଅଟେ? ଏହା କପଟତା ଅଟେ । ଏବଂ ମୁଁ ତ ଜଣେ କପଟୀ ହେବା ଅପେକ୍ଷା ବରଂ ଏକ ଅବିଶ୍ୱାସୀ ଭାବରେ ସ୍ୱର୍ଗର ସମ୍ମୁଖୀନ ହେବାକୁ ଚାହିଁବି । ମୁଁ ଭାବୁଛି, ସ୍ୱର୍ଗରେ, ଜଣେ କପଟୀ ହେବା ଅପେକ୍ଷା ଜଣେ—ଜଣେ ଅବିଶ୍ୱାସୀ ଭାବରେ ମୁଁ ମୋର ସୁଯୋଗକୁ ଅଧିକ ଭଲ ଭାବରେ ଗ୍ରହଣ କରିବି । ମୁଁ ନିଶ୍ଚିତରେ…ଯଦି ଆପଣ ଯୀଶୁଙ୍କ ପାଇଁ ସାକ୍ଷ୍ୟ ଦିଅନ୍ତି ଏବଂ କୁହନ୍ତି "ସେ ତ୍ରାଣକର୍ତ୍ତା ଅଟନ୍ତି," ତେବେ ଆପଣ ସେହିପରି ଭାବରେ ଜୀବନ ଯାପନ କରନ୍ତୁ, 'କାରଣ ଲୋକମାନେ ଏହା ଆପଣଙ୍କଠାରୁ ଆଶା କରିବାକୁ ଯାଉଛନ୍ତି । ତାହା ଠିକ୍ ଅଟେ । ଆପଣ ଏପରି ଭାବରେ ଜୀବନ ଯାପନ କରନ୍ତୁ ଯେପରିକି ଜଣେ ଖ୍ରୀଷ୍ଟିଆନ କରିବା ଉଚିତ୍ । ଆମେ ଆଜି ସକାଳେ ତାହା ଦେଇ ଗତି କରିଛୁ ।

198 ତେବେ, ପ୍ରଭୁ ଇଚ୍ଛା କଲେ, ଆସନ୍ତାକାଲି ରାତିରେ, କିମ୍ବା…ବୁଧବାର ରାତିରେ, ଆମେ ଏହି 3ୟ ପର୍ବକୁ ନେଉଅଛୁ, ଯାହାକି ଏକ ଚମତ୍କାର ପର୍ବ ଅଟେ । ଏବଂ ବର୍ତ୍ତମାନ, ବୁଧବାର ରାତିରେ ଆସିବାକୁ ଚେଷ୍ଟା କରିବା ହେତୁ ସୁନିଶ୍ଚିତ ହେବେ । କେତେଜଣ ଏହି ରବିବାର ଶ୍ରେଣୀର ଶିକ୍ଷାଦାନର, ଏହି ପୁସ୍ତକକୁ ଉପଭୋଗ କରୁଛନ୍ତି? [ମଣ୍ଡଳୀ କୁହନ୍ତି, "ଆମେନ୍ ।"—ସମ୍ପା ।] ଓଃ, ଆପଣଙ୍କର ବହୁତ ଧନ୍ୟବାଦ ହେଉ । ତାହା ଉତ୍ତମ ଅଟେ ।

199 ତେବେ, ମୁଁ ବର୍ତ୍ତମାନ ପ୍ରେରିତ କ୍ରିୟା, ତାର 2ୟ ପର୍ବ, 32ତମ ପଦରୁ ଆରମ୍ଭ କରି ପାଠ କରିବାକୁ ଚାହେଁ ।

> *ଏହି ଯୀଶୁଙ୍କୁ ପରମେଶ୍ୱର ଉଠାଇଅଛନ୍ତି, ସେ ବିଷୟରେ…ଆମ୍ଭେମାନେ ସାକ୍ଷୀ ।* (ସେମାନେ ଏହା ଜାଣିଥିଲେ ।)
>
> *ଅତଏବ, ସେ ପରମେଶ୍ୱରଙ୍କ ଦକ୍ଷିଣ ହସ୍ତ ଦ୍ୱାରା ଉନ୍ନତ ଓ ପିତାଙ୍କଠାରୁ ପ୍ରତିଜ୍ଞାତ ପବିତ୍ରଆତ୍ମା ପ୍ରାପ୍ତ ହୋଇ, ଏହି ଯାହା* ଆପଣମାନେ *ଦେଖୁଛନ୍ତି ଓ ଶୁଣୁଛନ୍ତି, ଯାହା ସେ ବୃଷ୍ଟି କରିଅଛନ୍ତି ।*

200 ତେବେ ତାଙ୍କୁ ଜଣେ ଅନ୍ୟତମ ଦୂତ, ଦାଉଦଙ୍କ ବିଷୟରେ କଥା କହୁଥିବାର ଶୁଣନ୍ତୁ ।

*କାରଣ ଦାଉଦ ସ୍ୱର୍ଗାରୋହଣ କରି ନ ଥିଲେ; କିନ୍ତୁ ସେ ନିଜେ କହନ୍ତି,* ***ପ୍ରଭୁ*** *ମୋହର ପ୍ରଭୁଙ୍କୁ କହିଲେ, ଆମ୍ଭେ ଯେପର୍ଯ୍ୟନ୍ତ ତୁମ୍ଭର ଶତ୍ରୁମାନଙ୍କୁ ତୁମ୍ଭର ପାଦପୀଠ କରିନାହୁଁ,*

*ସେପର୍ଯ୍ୟନ୍ତ ଆମ୍ଭର ଦକ୍ଷିଣରେ ବସିଥାଅ ।*

ଦାଉଦ ଉପରକୁ ଯାଇ ପାରି ନ ଥିଲେ; ସେ ଗାଭି, ଛେଳି, ଓ ମେଣ୍ଢାର ରକ୍ତ ତଳେ ଥିଲେ । ମାତ୍ର ବର୍ତ୍ତମାନ ସେ ଉଠି ପାରିବେ; ସେ ପ୍ରଭୁ ଯୀଶୁଙ୍କ ରକ୍ତ ତଳେ ଥିଲେ । କାରଣ ସେମାନେ କେବଳ ସେତେବେଳେ ସେହି ରକ୍ତ ପ୍ରତି ଉତ୍ତର ଦିଅନ୍ତି ଯେତେବେଳେ ଏହା କାର୍ଯ୍ୟକାରୀ ହେବାକୁ ଆସିଥାଏ । ଯେତେବେଳେ ଖ୍ରୀଷ୍ଟଙ୍କ ରକ୍ତ କାର୍ଯ୍ୟକାରୀ ହୁଏ, ସେସମସ୍ତେ ଯେଉଁମାନେକି ଉତ୍ତମ ଅନୁଗ୍ରହରେ ମରିଥିଲେ, ସମସ୍ତେ ଉଠନ୍ତି ତାହା ଠିକ୍, ଏବଂ ମହିମାକୁ ଉନ୍ନୀତ ହୋଇଯାଆନ୍ତି ।

201 ତେବେ ଶୁଣନ୍ତୁ ।

*ଅତଏବ ସମସ୍ତ ଇସ୍ରାଏଲକୂଳ ନିଶ୍ଚୟ ଜାଣନ୍ତୁ ଯେ...*(ଏହା ଶୁଣନ୍ତୁ ।)... *ଯେଉଁ ଯୀଶୁଙ୍କୁ* ଆପଣମାନେ...*କ୍ରୁଶରେ ବଧ କଲେ,* ତାହାଙ୍କୁ *ପରମେଶ୍ୱର, ପ୍ରଭୁ ଓ ଖ୍ରୀଷ୍ଟ ଉଭୟ ପଦରେ ନିଯୁକ୍ତ କରିଅଛନ୍ତି ।*

ତାହା ବିଷୟରେ କଅଣ? କଅଣ ସେ ତ୍ରିତ୍ତ୍ୱର ସେହି ତୃତୀୟ ବ୍ୟକ୍ତି, ନା ସେ ହିଁ ସମଗ୍ର ତ୍ରିତ୍ତ୍ୱ ଅଟନ୍ତି? ସେ ଶାରୀରିକ ଭାବରେ, ପରମେଶ୍ୱରତ୍ତ୍ୱର ସମଗ୍ର ପରିପୂର୍ଣ୍ଣତା ଅଟନ୍ତି ।

202 ସେଠାରେ ତିନୋଟି ପରମେଶ୍ୱର ଭଳି କୌଣସି ବିଷୟ ନାହିଁ: ପିତା ପରମେଶ୍ୱର, ପୁତ୍ର ପରମେଶ୍ୱର, ଓ ପବିତ୍ରଆତ୍ମା ପରମେଶ୍ୱର । ଏପରିକି ତାହା ତ ଶାସ୍ତ୍ରରେ ସୁଦ୍ଧା ନାହିଁ, କୌଣସିଠାରେ ନୁହେଁ । ଏହା କୌଣସିଠାରେ ହେଲେ ନାହିଁ । କୌଣସି ସ୍ଥାନରେ ବି ଆମକୁ ବାପ୍ତିଜିତ କରିବାକୁ ନିର୍ଦ୍ଦେଶ ଦିଆଯାଇ ନାହିଁ "ପିତାଙ୍କ ନାମରେ, ପୁତ୍ରଙ୍କ ନାମରେ, ଏବଂ ପବିତ୍ରଆତ୍ମାଙ୍କ ନାମରେ," ଶାସ୍ତ୍ରରେ କୌଣସି ସ୍ଥାନରେ ବି ତାହା ନାହିଁ । ଏହା ତ ଏକ କ୍ୟାଥୋଲିକ୍ ଧର୍ମମତ ଅଟେ, ଏବଂ ଏହା ପ୍ରୋଟେଷ୍ଟାଣ୍ଟ ମଣ୍ଡଳୀ ପାଇଁ ନୁହେଁ । ମୁଁ କାହାରିକୁ ବି ମୋତେ ଗୋଟିଏ ଶାସ୍ତ୍ରାଂଶ ଦେଖାଇବାକୁ କୁହେ ଯେଉଁଠାରେକି କୌଣସି ବ୍ୟକ୍ତି କେବେ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ନାମ ବ୍ୟତୀତ ଅନ୍ୟ କୌଣସି ଉପାୟରେ ବାପ୍ତିଜିତ ହୋଇଥିଲେ । ଆସନ୍ତୁ, ମୋତେ ଏହାକୁ ଦେଖାନ୍ତୁ, ଏବଂ ମୁଁ ମୋ ପିଠିରେ ଏକ ଚିହ୍ନ ଲଗାଇବି, "ଜଣେ କପଟୀ, ଏବଂ ଜଣେ ଭଣ୍ଡ ଭବିଷ୍ୟଦ୍‌ବକ୍ତା, ଜଣେ ଭଣ୍ଡ ଶିକ୍ଷକ," ଏବଂ ରାସ୍ତା ଦେଇ ଚାଲିଯିବି । ସେପରି କୌଣସି ହେଲେ କିଛି ବିଷୟ ନାହିଁ । ସେହିପରି ଭାବରେ କେବେ କେହି ବାପ୍ତିଜିତ ହୋଇ ନ ଥିଲେ । ଏହା ଏକ କ୍ୟାଥୋଲିକ୍ ଧର୍ମମତ ଅଟେ, ଏବଂ ଏକ ପ୍ରୋଟେଷ୍ଟାଣ୍ଟ ଶିକ୍ଷା ନୁହେଁ ।

203 "ମାଥିଉ 28:19," ଆପଣ କୁହନ୍ତି, "ଯୀଶୁ କହିଲେ, 'ତେଣୁ ସମଗ୍ର ଜଗତକୁ ଯାଅ, ସମସ୍ତ ଜାତିକୁ ଶିକ୍ଷା ଦେଇ, ସେମାନଙ୍କୁ ପିତା, ପୁତ୍ର, ଓ ପବିତ୍ରଆତ୍ମାଙ୍କ ନାମରେ ବାପ୍ତିଜିତ

କର।’” ତାହା ଠିକ୍ ଅଟେ।

ମାତ୍ର, “ପିତାଙ୍କ ନାମରେ, ପୁତ୍ରଙ୍କ ନାମରେ, ପବିତ୍ରଆତ୍ମାଙ୍କ ନାମରେ” ନୁହେଁ। ପିତାଙ୍କ *ନାମ*, ପିତାଙ୍କର, ସେହି *ନାମ* (ନାମଗୁଡିକ ନୁହେଁ)...

*ପିତା* ଏକ ନାମ ନୁହଁନ୍ତି। କେତେ ଜଣ ତାହା ଜାଣନ୍ତି? ଏଠାରେ କେତେଜଣ ପିତାମାନେ ଅଛନ୍ତି? ନିଜର ହାତ ଉଠାନ୍ତୁ। ଏଠାରେ କେତେଜଣ ପୁତ୍ରମାନେ ଅଛନ୍ତି? ନିଜର ହାତ ଉଠାନ୍ତୁ। ଏଠାରେ କେତେଜଣ ମଣିଷମାନେ ଅଛନ୍ତି? ନିଜର ହାତ ଉଠାନ୍ତୁ। ଠିକ୍ ଅଛି। ତେବେ, ଆପଣଙ୍କର ନାମ କଅଣ? ପିତା, ପୁତ୍ର, କିମ୍ବା ମଣିଷ ନୁହେଁ।

204 ଜଣେ ସ୍ତ୍ରୀଲୋକ ମୋତେ ଥରେ କହିଲେ, ଯିଏକି ଜଣେ ଦୃଢ ତ୍ରିତ୍ତ୍ୱବାଦୀ ଥିଲେ, ସେ କହିଲେ, “ଭାଇ ବ୍ରାନହାମ୍, ମାତ୍ର ପବିତ୍ରଆତ୍ମା ତ ଏକ ନାମ ଅଟନ୍ତି।”

205 ମୁଁ କହିଲି, “ପବିତ୍ରଆତ୍ମା ଏକ ନାମ ନୁହଁନ୍ତି, ପବିତ୍ରଆତ୍ମା ତ ତାହା ଯାହାକି ଏହା ଅଟନ୍ତି। ଏହା ତ ପବିତ୍ରଆତ୍ମା *ଅଟନ୍ତି*, ଏକ ନାମ ନୁହେଁ, ଏହା ତ ତାହା ଯାହାକି ଏହା ଅଟନ୍ତି। ମୁଁ ଜଣେ ମଣିଷ, ମାତ୍ର ମୋର ନାମ ମଣିଷ ନୁହେଁ, ମୋର ନାମ ୱିଲିୟମ୍ ବ୍ରାନହାମ୍ ଅଟେ।”

206 ତେଣୁକରି, ଯଦି ସେ କହିଲେ, “ଅତଏବ ଯାଅ, ଓ ସମସ୍ତ ଜାତିକୁ ଶିକ୍ଷା ଦେଇ, ସେମାନଙ୍କୁ ପିତା, ଏବଂ ପୁତ୍ର, ଓ ପବିତ୍ରଆତ୍ମାଙ୍କ *ନାମ*ରେ ବାପ୍ତିଜିତ କର,” ତାହାପରେ ଦଶ ଦିନ ଉତ୍ତାରେ, ପିତର କହିଲେ, “ମନ ଫେରଣ କର,” ତେବେ, ଏଠାରେ, ଏହାକୁ ଶୁଣନ୍ତୁ:

> ଏହି *କଥା ଶୁଣି, ସେମାନଙ୍କ ହୃଦୟ* ବିଦୀର୍ଣ୍ଣ *ହୋଇଗଲା, ପୁଣି ସେମାନେ ପିତର ଓ...ଅବଶିଷ୍ଟ ପ୍ରେରିତମାନଙ୍କୁ କହିଲେ, ପୁରୁଷ ଓ ଭାଇମାନେ, ଆମ୍ଭେମାନେ କଅଣ କରିବା?*
>
> *ତେଣୁ ପିତର ସେମାନଙ୍କୁ କହିଲେ, ଆପଣମାନେ,* ମନପରିବର୍ତ୍ତନ କରନ୍ତୁ, ଆଉ ନିଜ ନିଜ *ପାପକ୍ଷମା ନିମନ୍ତେ* ପ୍ରତ୍ୟେକ ଜଣ ପ୍ରଭୁ *ଯୀଶୁ ଖ୍ରୀଷ୍ଟଙ୍କ ନାମରେ* ବାପ୍ତିଜିତ ହେଉନ୍ତୁ, *ତାହାହେଲେ* ଆପଣମାନେ *ପବିତ୍ରଆତ୍ମାଙ୍କର ଦାନ ପ୍ରାପ୍ତ ହେବେ।*

207 ତାହାହେଲେ କଅଣ ପିତର ତାହା କଲେ କି ଯାହା ଯୀଶୁ ତାଙ୍କୁ ନ କରିବାକୁ କହିଥିଲେ? ସେ ଦ୍ୱନ୍ଦ୍ୱରେ ନ ଥିଲେ, ଆମେମାନେ ଅଟୁ ଯେଉଁମାନେକି ଦ୍ୱନ୍ଦ୍ୱରେ ଅଛୁ।

208 ପ୍ରେରିତ କ୍ରିୟା 2:38 ରେ, ଯିହୂଦୀମାନେ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବୁଡିତ ହୋଇ, ବାପ୍ତିଜିତ ହେଲେ।

ପ୍ରେରିତ କ୍ରିୟା, ତାର ୫ମ ପର୍ବରେ, ଆମେମାନେ ପାଉ ଯେ ଫିଲିପ୍ପ ତଳକୁ ଯାଇ ଶମିରୋଣୀୟମାନଙ୍କ ନିକଟରେ ପ୍ରଚାର କଲେ, ଏବଂ ସେମାନଙ୍କୁ, ସେହି ଶମିରୋଣୀୟମାନଙ୍କୁ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ କଲେ।

ପ୍ରେରିତ କ୍ରିୟା 10:49 ରେ, ପିତର ବିଜାତୀୟମାନଙ୍କୁ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହେବାକୁ ଆଦେଶ ଦେଇଥିଲେ ।

209 ପାଉଲ, ପ୍ରେରିତ 10:5, "ସେ ଏଫିସର ପୂର୍ବ ଅଞ୍ଚଳ ଦେଇ ଯାତ୍ରା କରି ଏଫିସ ନଗରକୁ ଆସି, କେତେକ ଶିଷ୍ୟଙ୍କ ଦେଖା ପାଇଲେ ।" ସେମାନେ ବାପ୍ଟିଷ୍ଟ ଶିଷ୍ୟମାନେ ଥିଲେ; ପ୍ରତ୍ୟେକ ଜଣ, ବାପ୍ଟିଷ୍ଟ, ଥିଲେ । ସେମାନେ ଆପଲ୍ଲ ନାମରେ—ରେ, ଜଣେ ବାପ୍ଟିଷ୍ଟ ପ୍ରଚାରକଙ୍କ ଅଧୀନରେ ପରିବର୍ତ୍ତିତ ହୋଇଥିଲେ, ଦେଖନ୍ତୁ । ଏବଂ ସେ ଜଣେ ବାପ୍ଟିଷ୍ଟ ପ୍ରଚାରକ ଥିଲେ, "ଏବଂ ବାଇବଲ ଦ୍ୱାରା ପ୍ରମାଣ କରୁଥିଲେ ଯେ ଯୀଶୁ ହିଁ ଖ୍ରୀଷ୍ଟ ଥିଲେ ।"

ପାଉଲ କହିଲେ, "ବିଶ୍ୱାସ କରିବା ସମୟରେ କଅଣ ତୁମ୍ଭେମାନେ ପବିତ୍ରଆତ୍ମାଙ୍କୁ ପାଇଥିଲ?"

210 ସେମାନେ କହିଲେ, "ପବିତ୍ରଆତ୍ମା ଯେ କଅଣ ତାହା ସୁଦ୍ଧା ଆମ୍ଭେମାନେ ଶୁଣି ନାହୁଁ ।"

211 କହିଲେ, "ତେବେ ତୁମ୍ଭେମାନେ କାହିଁରେ ବାପ୍ତିଜିତ ହୋଇଥିଲ?"

212 ସେମାନେ କହିଲେ, "ଆମେମାନେ ସେହି ସମାନ ବ୍ୟକ୍ତି ଦ୍ୱାରା ବାପ୍ତିଜିତ ହୋଇଅଛୁ ଯିଏକି ଯୀଶୁଙ୍କୁ ବାପ୍ତିଜିତ କରିଥିଲେ, ସେଠାରେ ଥିବା ସେହି ପାଣିର ଗର୍ତ୍ତରେ । ତାହା ଯଥେଷ୍ଟ ଉତ୍ତମ ଅଟେ ।"

213 ପାଉଲ କହିଲେ, "ତାହା ବର୍ତ୍ତମାନ କାମ କରିବ ନାହିଁ । ତୁମମାନଙ୍କୁ ପୁଣିଥରେ, ବାପ୍ତିଜିତ ହେବାକୁ ପଡିବ ।" ଏବଂ ପାଉଲ ସେମାନଙ୍କୁ, ପୁନର୍ବାର, ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ବାପ୍ତିଜିତ ହେବାକୁ ଆଦେଶ ଦେଇଥିଲେ । ସେମାନଙ୍କ ଉପରେ ନିଜର ହାତ ଥୋଇଲେ, ଏବଂ ପବିତ୍ରଆତ୍ମା ସେମାନଙ୍କ ଉପରେ ଅବତରଣ କଲେ । ଠିକ ଅଛି । ହଁ, ଆଜ୍ଞା ।

ସନ୍ଧ୍ୟା ସମୟରେ ଏହା ଦୀପ୍ତି ହେବ,
ମହିମାର ପଥ ତୁମେ ନିଶ୍ଚିତ ପାଇବ;
ଜଳ ପଥରେ, ତାହା ହିଁ ଆଜି ଆଲୋକ ଅଟେ,
ଯୀଶୁଙ୍କ ବହୁମୂଲ୍ୟ ନାମରେ ସମାଧିପ୍ରାପ୍ତ ଅଟେ ।
ଯୁବା ଓ ବୃଦ୍ଧ, ନିଜର ସମସ୍ତ ପାପରୁ ମନ ଫେରଣ କର,
ପବିତ୍ରଆତ୍ମା ନିଶ୍ଚିତ ଭାବରେ ପ୍ରବେଶ କରିବେ;
ସନ୍ଧ୍ୟାକାଳୀନ ଦୀପ୍ତିଟି ଆସିଅଛି,
ଏହା ସତ୍ୟ ତଥ୍ୟ ଯେ ପରମେଶ୍ୱର ଏବଂ ଖ୍ରୀଷ୍ଟ ଏକ ଅଟନ୍ତି ।

214 ଏହାହିଁ ଅଟେ ଯାହାକି ବାଇବଲ କୁହେ । ତାହା ଠିକ୍ ଅଟେ । ଏହା ସେହି ଘଟିକା ଅଟେ, ଏହା ଏକ ସମୟ ଅଟେ ଯେ ଆମେ ମନପରିବର୍ତ୍ତନ କରିବା ଉଚିତ୍ ।

215 ଯେତେବେଳେ ଆପଣ ଜଳକୁଣ୍ଡରେ ପ୍ରସ୍ତୁତ ହୋଇଯାଆନ୍ତି, ସେତେବେଳେ କୁହନ୍ତୁ, ଚିତ୍କାର କରନ୍ତୁ । ଏବଂ ଆମେମାନେ…[ଜଣେ ଭାଇ କୁହନ୍ତି, "ଆମେମାନେ ପ୍ରସ୍ତୁତ ଅଟୁ ।"—

ସମ୍ପା ।] କଅଣ ଆପଣ ପ୍ରସ୍ତୁତ ଅଟନ୍ତି କି? ଠିକ ଅଛି, ପରଦା ଟାଣିବା ପାଇଁ ।

216 ତେବେ, ପ୍ରଭୁ ବର୍ତ୍ତମାନ ଆପଣଙ୍କୁ ଆଶୀର୍ବାଦ କରନ୍ତୁ, ଯେତେବେଳେ ଭାଇ ବାପ୍ତିସ୍ମର ସେବାଦାନ କରନ୍ତି । କଅଣ ଆପଣମାନେ ସମସ୍ତେ ଏଠାରେ ଦେଖିପାରୁଛନ୍ତି କି?

57-0425E ଏବ୍ରୀ, ଅଧ୍ୟାୟ ଦୁଇ #2
ବ୍ରାନ୍‌ହାମ୍ ଟାବର୍ନେକଲ
ଜେଫର୍ସନ୍‌ଭିଲେ, ଇଣ୍ଡିୟାନା ୟୁ.ଏସ୍.ଏ.

ORIYA

©2024 VGR, ALL RIGHTS RESERVED

VOICE OF GOD RECORDINGS, INDIA OFFICE
19 (NEW NO: 28) SHENOY ROAD, NUNGAMBAKKAM
CHENNAI 600 034, INDIA
044 28274560 • 044 28251791
india@vgroffice.org

VOICE OF GOD RECORDINGS
P.O. BOX 950, JEFFERSONVILLE, INDIANA 47131 U.S.A.
www.branham.org

## ପ୍ରତିଲିପ୍ୟାଧିକାର ସୂଚନା

ସମସ୍ତ ଅଧିକାର ସୁରକ୍ଷିତ ଅଟେ । ଏହି ପୁସ୍ତକଟି ବ୍ୟକ୍ତିଗତ ବ୍ୟବହାର ନିମନ୍ତେ ଗୃହ ପ୍ରିଣ୍ଟରରେ ଛପା ଯାଇପାରେ କିମ୍ୱା ଯୀଶୁ ଖ୍ରୀଷ୍ଟଙ୍କର ସୁସମାଚାରର ପ୍ରଚାର ନିମନ୍ତେ ଏକ ଉପକରଣ ଭାବରେ, ମାଗଣାରେ, ଦିଆ ଯାଇପାରେ । ଏହି ପୁସ୍ତକଟି ଭଏସ୍ ଅଫ୍ ଗଡ୍ ରେକର୍ଡିଙ୍ଗ୍ସ® ର ପ୍ରକାଶ୍ୟ ଲିଖିତ ଅନୁମତି ବିନା ବିକ୍ରୀ କରା ଯାଇ ନ ପାରେ, ବଡ ମାତ୍ରାରେ ପୁନରୁତ୍ପାଦିତ କରା ଯାଇ ନ ପାରେ, ଏକ ୱେବସାଇଟରେ ପୋଷ୍ଟ କରା ଯାଇ ନ ପାରେ, କୌଣସି ଗନ୍ଥାଘରରେ ଗଚ୍ଛିତ କରା ଯାଇ ନ ପାରେ, ଅନ୍ୟ ଭାଷାରେ ଅନୁବାଦ୍ କରା ଯାଇ ନ ପାରେ, କିଅବା ଧନ ସଂଗ୍ରହ ନିମନ୍ତେ ବ୍ୟବହାର କରା ଯାଇ ନ ପାରେ ।

ଅଧିକ ସୂଚନା ନିମନ୍ତେ କିମ୍ୱା ଅନ୍ୟାନ୍ୟ ଉପଲବ୍ଧ ସମାଗ୍ରୀ ନିମନ୍ତେ, ଦୟାକରି ଯୋଗାଯୋଗ କରନ୍ତୁ:

VOICE OF GOD RECORDINGS, INDIA OFFICE

19 (NEW NO: 28) SHENOY ROAD, NUNGAMBAKKAM

CHENNAI 600 034, INDIA

044 28274560 • 044 28251791

india@vgroffice.org

VOICE OF GOD RECORDINGS

P.O. BOX 950, JEFFERSONVILLE, INDIANA 47131 U.S.A.

www.branham.org